# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ...୩୪୧୩୬...... ତା ...୨୦-୬-୨୬................... ରିଖ

ପ୍ରାପକେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା ୨୬.୦୫.୨୦୨୬ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା ୨୬.୦୫.୨୦୨୬ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

**ସଂଲଗ୍ନକ- ଉପରବର୍ଣ୍ଣିତ ମତେ,**

ଜ୍ଞାପକ ସଂଖ୍ୟା- ...୩୪୧୩୭.../ତା ...୨୦-୬-୨୬................... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡ଼େପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ...୩୪୧୩୮.../ତା ...୨୦-୬-୨୬................... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ...୩୪୧୩୯.../ତା ...୨୦-୬-୨୬................... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ପାର୍କ/ସାମାଜିକ ସୁରକ୍ଷା)/ ଡ଼ି.ସି (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଲିଗାଲ୍)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି (ପାର୍କିଙ୍ଗ୍)/ ଡ଼ି.ସି (ଗୃହ ଟିକସ)/ ଡ଼ି.ସି. (ପ୍ରତିଷ୍ଠାନ)/ ଜୋନାଲ୍ କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୨୬.୦୫.୨୦୨୬ ରିଖ ✱ ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ✱ସ୍ଥାନ: BMC-ICOMC ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା

***ସର୍ବଶ୍ରୀ/ଶ୍ରୀମତୀ:***

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମଞ୍ଜୁଲତା କହଁର | ଡେପୁଟି ମେୟର |
| ୩. | ମିହିର କୁମାର ରାଉତ | ୱାର୍ଡ ନଂ-୦୧ |
| ୪. | ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୫. | ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ ନଂ-୦୩ |
| ୬. | ମିନୁଶ୍ରୀ ଖୁଣ୍ଟିଆ | ୱାର୍ଡ ନଂ-୦୫ |
| ୭. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ ନଂ-୦୬ |
| ୮. | ଯଶୋଧାରା ପ୍ରଧାନ | ୱାର୍ଡ ନଂ-୦୭ |
| ୯. | ଲାଲ୍ ମୋହନ ଟୁଡୁ | ୱାର୍ଡ ନଂ-୦୮ |
| ୧୦. | ସୁଷମା ସାହୁ | ୱାର୍ଡ ନଂ-୦୯ |
| ୧୧. | ସେକ୍ ନୁରହାସନ୍ | ୱାର୍ଡ ନଂ-୧୦ |
| ୧୨. | ପ୍ରଭାସିନି ମହାନ୍ତି | ୱାର୍ଡ ନଂ-୧୧ |
| ୧୩. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୪. | ଇତିଶ୍ରୀ ଦାସ | ୱାର୍ଡ ନଂ-୧୩ |
| ୧୫. | ମୋନାଲିସା ସାହୁ | ୱାର୍ଡ ନଂ-୧୪ |
| ୧୬. | ପିଙ୍କି ସ୍ୱାଇଁ | ୱାର୍ଡ ନଂ-୧୫ |
| ୧୭. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ ନଂ-୧୬ |
| ୧୮. | ପୂଜା ମହାରଣା | ୱାର୍ଡ ନଂ-୧୭ |
| ୧୯. | ବିପ୍ଳବ ବେହେରା | ୱାର୍ଡ ନଂ-୧୮ |
| ୨୦. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୧. | ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୦ |
| ୨୨. | ପୂଜା ବେହେରା | ୱାର୍ଡ ନଂ-୨୧ |
| ୨୩. | କିରଣବାଳା ମାଝୀ | ୱାର୍ଡ ନଂ-୨୩ |
| ୨୪. | ଦୀପକ କୁମାର ମିଶ୍ର | ୱାର୍ଡ ନଂ-୨୪ |
| ୨୫. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୬. | ଭାରତୀ ସିଂ | ୱାର୍ଡ ନଂ-୨୬ |
| ୨୭. | ଶୁଭାଂଶୁ ଶେଖର ପଟ୍ଟନାୟକ | ୱାର୍ଡ ନଂ-୨୭ |
| ୨୮. | ଅପରୂପ ନାରାୟଣ ରାଉତ | ୱାର୍ଡ ନଂ-୨୯ |
| ୨୯. | ରାଜକିଶୋର ଦାସ | ୱାର୍ଡ ନଂ-୩୦ |
| ୩୦. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୩୧. | ଶ୍ରୀଧର ଜେନା | ୱାର୍ଡ ନଂ-୩୨ |
| ୩୨. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୩୩. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୪. | ଅଲିଅଲି ମଲ୍ଲିକ୍ | ୱାର୍ଡ ନଂ-୩୬ |
| ୩୫. | ବନ୍ଦିତା ପାଲ୍ | ୱାର୍ଡ ନଂ-୩୭ |
| ୩୬. | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ ନଂ-୩୮ |
| ୩୭. | ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ |
| ୩୮. | ଅସିୟା ବେଗମ୍ | ୱାର୍ଡ ନଂ-୪୦ |
| ୩୯. | କବିତା ସ୍ୱାଇଁ | ୱାର୍ଡ ନଂ-୪୧ |
| ୪୦. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ ନଂ-୪୨ |
| ୪୧. | ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ |
| ୪୨. | ଅଜିତ୍ ବେହେରା | ୱାର୍ଡ ନଂ-୪୪ |
| ୪୩. | ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୪. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୫. | ସୁଚିତ୍ରା ପାତ୍ର | ୱାର୍ଡ ନଂ-୪୮ |
| ୪୬. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୭. | ବିନୟିନୀ ଜେନା | ୱାର୍ଡ ନଂ-୫୧ |
| ୪୮. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୯. | ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ |
| ୫୦. | ଶିବ ପ୍ରସାଦ ବେହେରା | ୱାର୍ଡ ନଂ-୫୪ |
| ୫୧. | ନୃପେଶ କୁମାର ନାୟକ | ୱାର୍ଡ ନଂ-୫୫ |
| ୫୨. | କେ. ଶାନ୍ତି | ୱାର୍ଡ ନଂ-୫୬ |
| ୫୩. | ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୪. | ନମିତା ମହାପାତ୍ର | ୱାର୍ଡ ନଂ-୫୮ |
| ୫୫. | ବିରଂଚି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ |
| ୫୬. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୫୭. | ଋତୁଲତା ସାମନ୍ତରାୟ | ୱାର୍ଡ ନଂ-୬୨ |
| ୫୮. | ସୁଜାତା ଛୋଟରାୟ | ୱାର୍ଡ ନଂ-୬୩ |
| ୫୯. | ସକିବା ମୁଶରତ | ୱାର୍ଡ ନଂ-୬୪ |
| ୬୦. | ରଶ୍ମିରଞ୍ଜନ ପାଟଶାଣୀ | ୱାର୍ଡ ନଂ-୬୫ |
| ୬୧. | ଛବି ଦାଶ | ୱାର୍ଡ ନଂ-୬୬ |
| ୬୨. | ମଧୁସ୍ମିତା ପ୍ରଧାନ | ୱାର୍ଡ ନଂ-୬୭ |

ଅଦ୍ୟ ତା ୨୬.୦୫.୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର" BMC-ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା–ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍ସନ୍, କମିଶନର, ସମସ୍ତ କର୍ପୋରେଟର, ଅତିରିକ୍ତ କମିଶନର, ନିଗମର ଅନ୍ୟାନ୍ୟ ଅଧିକାରୀ, ଅନ୍ୟାନ୍ୟ ବିଭାଗରୁ ଆସିଥିବା ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ପରେ ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ **'ବନ୍ଦେ ଉତ୍କଳ ଜନନୀ'** ବନ୍ଦନା ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ମାନନୀୟା ମେୟର, ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାର୍‌ମ୍ୟାନ୍/ଚେୟାର୍‌ପର୍ସନ୍, ସମସ୍ତ କର୍ପୋରେଟର ଓ ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଏହି ଏକ ମାସ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ ବହୁ କାର୍ଯ୍ୟ ହାତକୁ ନେଇଅଛି, ପ୍ରବଳ ଗ୍ରୀଷ୍ମଦାଉରୁ ରକ୍ଷା କରିବା ପାଇଁ ଦୁଇଟି ଜାଗାରେ ଥଣ୍ଡା ଆଶ୍ରୟସ୍ଥଳ ତିଆରି କରାଯାଇଅଛି, ଆଉ ମଧ୍ୟ କେତେକ ସ୍ଥାନରେ ତିଆରି କରିବା ପାଇଁ ପଦକ୍ଷେପ ନିଆଯାଉଅଛି । ତିନୋଟି ବସ୍‌ଷ୍ଟାଣ୍ଡରେ ଥଣ୍ଡା ପିଇବା ପାଣି ବ୍ୟବସ୍ଥା କରାଯାଇଅଛି । ଘରକୁ ଘର ଅଳିଆ ସଂଗ୍ରହ କରୁଥିବା କର୍ମଚାରୀ, ସଫେଇ କର୍ମଚାରୀ ଓ ଟି.ଟି.ଏସ୍ ରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ୧୦ ଗୋଟି ଆଶ୍ରୟସ୍ଥଳ କରାଯାଇଅଛି । ପଶୁପକ୍ଷୀଙ୍କ ପାଇଁ ମଧ୍ୟ ଆଶ୍ରୟସ୍ଥଳ କରାଯାଇଅଛି । ଆଗକୁ ବର୍ଷାଋତୁ ଆସୁଥିବାରୁ ସହରରୁ ବର୍ଷାଜଳ ନିଷ୍କାସନ ପାଇଁ ନାଳ ସଫେଇ କାର୍ଯ୍ୟ ଆରମ୍ଭ ହୋଇଅଛି ଏବଂ ଏହା ବର୍ଷକୁ ଦୁଇ ଥର କରାଯିବ । ଫଳରେ ଯେକୌଣସି ସମୟରେ ବର୍ଷା ହେଲେ ଅସୁବିଧା ହେବନାହିଁ । ମଶା ବ୍ରିଡ଼ିଙ୍ଗ୍ ସ୍ଥାନ ଚିହ୍ନଟ କରି ତାହାକୁ ସଫା କରିବା ପାଇଁ ପଦକ୍ଷେପ ନିଆଯିବ । ୨୦୨୫-୨୬ ଆର୍ଥିକ ବର୍ଷର ଉନ୍ନୟନମୂଳକ କାର୍ଯ୍ୟ ସରିବା ପରେ ୨୦୨୬-୨୭ ଆର୍ଥିକ ବର୍ଷରେ କାମ ଆରମ୍ଭ ହେବ । ଲାଇନ୍ ଡ଼ିପାର୍ଟମେଂଟ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ ହାତକୁ ନିଆଯିବ । ଖୋଲା ଡ୍ରେନ୍‌କୁ କଭର୍ ପକାଯିବ, ଲାଇନ୍ ଡ଼ିପାର୍ଟମେଂଟ ଜୁନ୍ ମାସ ୧୫ ତାରିଖ ସୁଧା କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ । ଜୁନ୍ ୧୫ ତାରିଖରେ ଲାଇସେନ୍ସ ମଧ୍ୟ ବନ୍ଦ (Close) କରାଯିବ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ଡ଼େପୁଟି ମେୟର ସମସ୍ତଙ୍କୁ ନମସ୍କାର ଜଣାଇ କହିଥିଲେ ଯେ, ଗ୍ରୀଷ୍ମ ପ୍ରବାହ ପାଇଁ ବହୁତ ପଦକ୍ଷେପ ନିଆଯାଇଅଛି, Water Kiosk ଏବଂ ପଶୁପକ୍ଷୀଙ୍କ ପାଇଁ ପାଣିର ବ୍ୟବସ୍ଥା କରାଯାଇଅଛି । ବର୍ଷାଋତୁ ପୂର୍ବରୁ ସ୍ୱେରେଜ୍ କାମ ସରିବା ଆବଶ୍ୟକ, ଲାଇନ୍ ଡ଼ିପାର୍ଟମେଂଟ ବର୍ଷାଋତୁ ପୂର୍ବରୁ ଯେଉଁ ରାସ୍ତା ଖୋଳିଛନ୍ତି ତାହାକୁ ସମ୍ପୂର୍ଣ୍ଣ କରନ୍ତୁ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପ୍ରାରମ୍ଭରେ ସଭାପତି ୪୧ ତମ ସାଧାରଣ ବୈଠକକୁ ସମସ୍ତଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ଜନସାଧାରଣ ଓ ପଶୁପକ୍ଷୀମାନଙ୍କ ପାଇଁ ଆଶ୍ରୟସ୍ଥଳ, ପାନୀୟ ଜଳ ବ୍ୟବସ୍ଥା ବିଭିନ୍ନ ସ୍ଥାନରେ କରାଯାଇଅଛି । ଆଗକୁ ବର୍ଷାଋତୁ ଆସୁଥିବାରୁ ବିଭିନ୍ନ ସମସ୍ୟା ଆସିବ, କାମ କରିବା ପାଇଁ ବାଲି ମିଳିବ ନାହିଁ, ତେଣୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପ୍ରଭାବିତ ହେବ, ସେଥିପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ, ବର୍ଷାଋତୁ ପୂର୍ବରୁ ସମସ୍ତ ନାଳକୁ ସଫା କରିବାକୁ ପଡ଼ିବ । କେତେକ ସ୍ଥାନରେ ଜଳବନ୍ଦୀ ହେବାର ଆଶଙ୍କା ମଧ୍ୟ ଅଛି । ଆମକୁ ପମ୍ପସେଟ୍ ମରାମତି କରି ସେଠାରେ ରଖିବାକୁ ପଡ଼ିବ, ନାଳରୁ ପଲିଥିନ୍, ପତ୍ର ଇତ୍ୟାଦି ସଫା କରିବାକୁ ପଡ଼ିବ । କୌଣସି ଅସୁବିଧା ହେଲେ ବସ୍ତିବାସିନ୍ଦାଙ୍କୁ ସ୍କୁଲରେ ରଖିବାକୁ ପଡ଼ିବ । କେତେକ ସ୍ଥାନରେ ଡ଼େଙ୍ଗୁ ରୋଗ ଉତ୍ପନ୍ନ ହେବାର ଆଶଙ୍କା ଥିବାରୁ ସେଥିପ୍ରତି ଦୃଷ୍ଟି ରଖିବାକୁ ପଡ଼ିବ । ମୋର କର୍ପୋରେଟର ଭାଇ ଓ ଭଉଣୀମାନେ ଅଛନ୍ତି ସେମାନେ କାର୍ଯ୍ୟରେ ସହଯୋଗ କରିବେ । ବଡ଼ ବଡ଼ କାର୍ଯ୍ୟ ମଧ୍ୟ ହାତକୁ ନିଆଯିବ, ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରାଯିବ । ବର୍ଷାଦିନ ଆସୁଅଛି ଲାଇନ୍ ଡ଼ିପାର୍ଟମେଂଟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାଙ୍କର କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ । ଯେଉଁ ଡ଼ିପାର୍ଟମେଂଟ ରାସ୍ତା ଖୋଳୁଛନ୍ତି ସେମାନେ ଜୁନ୍-୧୫ ତାରିଖ ମଧ୍ୟରେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ । ଜୁନ୍ ୧୦ ତାରିଖ ପରେ ଆଉ ରାସ୍ତା ଖୋଳନ୍ତୁ ନାହିଁ । ୱାଟ୍‌କୋ ଯେଉଁ ରାସ୍ତା ଖୋଳୁଛନ୍ତି ଆମର ଇଞ୍ଜିନିୟର୍ ମାନେ ସାତ ଦିନ ମଧ୍ୟରେ ଡ଼ିମାଣ୍ଡ ଦେବେ ଏବଂ ୱାଟ୍‌କୋ ନିଗମରେ ଉକ୍ତ ଅର୍ଥ ପଇଠ କଲେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା କାର୍ଯ୍ୟ କରାଯିବ । TPCODL ଆଉ ରାସ୍ତା ନଖୋଳି ମରାମତି କାର୍ଯ୍ୟ କରନ୍ତୁ ଏବଂ ବିଦ୍ୟୁତ୍ ଭଙ୍ଗା ଖୁଂଟ ଓ ଛିଣ୍ଡା ତାର ପରିବର୍ତ୍ତନ କରନ୍ତୁ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପୁନଃବାର ସଭାପତି କହିଥିଲେ ଯେ, ଟେଣ୍ଡର ପାଇଁ ଏକ ସମସ୍ୟା ରହିଅଛି, କାଲି କଂଟ୍ରାକ୍ଟସ କମିଟିରେ ମଧ୍ୟ ଏ ବିଷୟରେ ଆଲୋଚନା ହୋଇଅଛି ଆମକୁ ଭଲ ମାନର କାମ କରିବାକୁ ପଡ଼ିବ । ରାଜ୍ୟ ସରକାରଙ୍କ ନୂଆ ନିୟମ ଅନୁସାରେ ଠିକାଦାରମାନେ ଅଟକଳ ମୂଲ୍ୟ ଠାରୁ ବହୁ କମ୍ (Less) ଦରରେ ଟେଣ୍ଡର ପକାଉଥିବାରୁ ଭଲ କାମ କରିପାରିବେ ନାହିଁ, ତେଣୁ ଠିକାଦାରମାନେ Justification ଦେବେ ନଚେତ୍ ତାଙ୍କର ଟେଣ୍ଡର ରଦ୍ଦ (Cancel) କରାଯିବ ଏବଂ ଏକ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରୁ ବଂଚିତ (Debar from BMC Tender for one year) କରାଯିବ । Justification ସହିତ ନିର୍ବାହୀ ଯନ୍ତ୍ରୀ ମାନେ ଯାଂଚ୍ କରି ନଥି ଉପସ୍ଥାପନ କରିବେ ତଦନୁଯାୟୀ ଆବଶ୍ୟକ ପଦକ୍ଷେପ

ନିଆଯିବ ଏବଂ ଏହି କାର୍ଯ୍ୟ ଗୁଡ଼ିକ ଯାଂଚ୍ କରିବା ପାଇଁ ଏକ କମିଟି ଗଠନ କରାଯିବ, କମିଟିର ରିପୋର୍ଟ ଓ ସାମାଜିକ ସମୀକ୍ଷା (Social Audit) ଙ୍କୁ ଆଧାର କରି ବିଲ୍ ପଇଠ କରାଯିବ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ରାସ୍ତା ଆଲୋକ ମରାମତି ରକ୍ଷଣାବେକ୍ଷଣ ପାଇଁ ହୋଇଥିବା ଟେଣ୍ଡର ବିଷୟରେ ନିଗମର ନିର୍ବାହୀ ଯନ୍ତ୍ରୀ (ବିଦ୍ୟୁତ୍) ଉପସ୍ଥାପନା (Presentation) କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ କହିଥିଲେ ଯେ, ବର୍ଷାଦିନ ଆସିଲାଣି ଡ୍ରେନ୍ ସ୍ଲାବ୍ ପଡୁନାହିଁ । ଏହା ଉପରେ ଆଲୋଚନା କରାଗଲା । ଯେଉଁଠାରେ ଆବଶ୍ୟକ ସେଠାରେ ସାତ ଦିନ ମଧ୍ୟରେ ଡ୍ରେନ୍ ସ୍ଲାବ୍ ପକାଇବା ପାଇଁ ନିର୍ବାହୀ ଯନ୍ତ୍ରୀ (ନାଳ) ଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା କହିଥିଲେ ଯେ, ମୋ ୱାର୍ଡ଼ରେ ଗୋଟିଏ ରାସ୍ତା ପାଇଁ ଟେଣ୍ଡର ହୋଇଥିଲା ସେହି ରାସ୍ତା ସ୍ୱେରେଜ୍ ଲାଇନ୍ ଖୋଳା ହେବା ଯୋଗୁଁ କାମ ହୋଇପାରିନାହିଁ । ୱାଟ୍‌କୋର ପଇସା ଆସିଲେ ସେହି ରାସ୍ତା ସମ୍ପାଦନ କରିହେବ, ତେଣୁ ଉକ୍ତ ରାସ୍ତା ପାଇଁ ବ୍ୟବସ୍ଥା ହୋଇଥିବା ଅର୍ଥରେ ଅନ୍ୟ ଗୋଟିଏ ରାସ୍ତା ମୋ ୱାର୍ଡ଼ରେ କରାଯାଉ ବୋଲି ଦାବି କରିଥିଲେ । ଏହା ଉପରେ ଆଲୋଚନା କରାଗଲା ଏବଂ ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୩ ଏହାକୁ ଯାଂଚ୍ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ରାଜକିଶୋର ଦାସ କହିଥିଲେ ଯେ, ସହିଦନଗର ଡ୍ରେନ୍ ହେଉନାହିଁ, କଲ୍ୟାଣମଣ୍ଡପରୁ ଅଳିଆ ପାଣି ଯାଇ ଜମୁଅଛି ସେଠାରେ ଡେଙ୍ଗୁ ହେବାର ସମ୍ଭାବନା ଅଛି । ଏହା ଉପରେ ଆଲୋଚନା କରାଗଲା । ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଏହା ଉପରେ ସାତ ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶିବନାରାୟଣ ରାୟ କହିଥିଲେ ଯେ, ମୋ ୱାର୍ଡ଼ରେ ଏକ ମାର୍କେଟ୍ ବିଲ୍ଡ଼ିଂ କରିବା ପାଇଁ ସେଠାରୁ ଜବରଦଖଲ ଉଚ୍ଛେଦ ହୋଇଥିଲା, କିନ୍ତୁ ଏପର୍ଯ୍ୟନ୍ତ ହେଲାନାହିଁ । ପୁନଃବାର ସେଠାରେ ଜବରଦଖଲ ହୋଇଗଲାଣି, କେବେ ମାର୍କେଟ୍ ବିଲ୍ଡ଼ିଂ ହେବ ବୋଲି ଜାଣିବାକୁ ଚାହିଁଥିଲେ । ଏହା ଉପରେ ଆଲୋଚନା କରାଗଲା । ଉପ ଆୟୁକ୍ତ (ଲ୍ୟାଣ୍ଡ) ଓ ଉପ ଆୟୁକ୍ତ (ମାର୍କେଟ୍)ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଅସିୟା ବେଗମ୍ କହିଥିଲେ ଯେ, ଦୁଇ ନମ୍ବର ସ୍ଥିତ ଫଳ ମାର୍କେଟ୍‌ରୁ ନିଗମ ଟିକସ ଆଦାୟ କରୁଅଛି, କିନ୍ତୁ ବ୍ୟବସାୟୀଙ୍କୁ ମୌଳିକ ସୁବିଧା ଦିଆଯାଉନାହିଁ । ଏହା ଉପରେ ଆଲୋଚନା କରାଗଲା । ସେଠାରେ ଶୌଚ୍ଚାଳୟ, ଡ୍ରେନ୍ ସ୍ଲାବ୍ ଆଦି ବ୍ୟବସ୍ଥା କରିବା ପାଇଁ ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୩ ଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ କହିଥିଲେ ଯେ, କ୍ରାଉନ୍ ହୋଟେଲ୍ ନିକଟରେ ଏକ "ଲୁ" ହେବାର ଥିଲା ତାହା ହୋଇପାରୁନାହିଁ । ଏହା ଉପରେ ଆଲୋଚନା କରାଗଲା । ଏହାକୁ ଶୀଘ୍ର ଆରମ୍ଭ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶ୍ରୀଧର ବେହେରା କହିଥିଲେ ଯେ, ଆଗକୁ ବର୍ଷାଋତୁ ଆସୁଅଛି ସହରର ବିଭିନ୍ନ ସମସ୍ୟା ଦେଖାଦେବ ଏବଂ ବର୍ତ୍ତମାନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ, ତେଣୁ ତିନି ମାସ ପର୍ଯ୍ୟନ୍ତ ଇଞ୍ଜିନିୟର୍ ମାନଙ୍କର ବଦଳି ନକରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଗଲା ଏବଂ ଏ ବିଷୟରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ବିରଂଚି ନାରାୟଣ ମହାସୁପକାର କହିଥିଲେ ଯେ, ଚନ୍ଦନ ପୋଖରୀ କାର୍ଯ୍ୟ ପାଇଁ କିଏ ଅଟକଳ ପ୍ରସ୍ତୁତ କରିଥିଲେ କାର୍ଯ୍ୟ ହୋଇପାରୁନାହିଁ । ଏହା ଉପରେ ଆଲୋଚନା କରାଗଲା । ଏହାକୁ ରିଭାଇଜଡ଼ି ଅଟକଳ ପ୍ରସ୍ତୁତ କରି କାର୍ଯ୍ୟ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଦୀପକ କୁମାର ମିଶ୍ର କହିଥିଲେ ଯେ, ମୋ ୱାର୍ଡ଼ରେ ଡ୍ରେନ୍ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିଲା । ସମ୍ପୃକ୍ତ ଠିକାଦାର ୭୦% କାମ କରିଅଛି, ଆଉ କାମ କରୁନାହିଁ ତା'ର କାର୍ଯ୍ୟ ମଧ ସନ୍ତୋଷଜନକ ହେଉନାହିଁ । ଏହା ଉପରେ ଆଲୋଚନା କରାଗଲା । ସମ୍ପୃକ୍ତ ଠିକାଦାର ଏଭଳି କାର୍ଯ୍ୟ କରିଥିଲେ ତାଙ୍କର ଚୁକ୍ତିପତ୍ର ରଦ୍ଦ (Cancel) କରାଯିବା ସହିତ ତାଙ୍କୁ କଳାତାଲିକାଭୁକ୍ତ (Black list) କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପୁନଃବାର ଶ୍ରୀ ମିଶ୍ର କହିଥିଲେ ଯେ, ମୋ ୱାର୍ଡ଼ର ଡ୍ରେନ୍ ନଂ-୮ OUAT ପାଖରେ ଥିବା ନାଳର ଅବସ୍ଥା ଖରାପ ହୋଇଯାଇଅଛି ଏହାକୁ କରାଯାଉ ବୋଲି ଦାବୀ କରିଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶ୍ରୀଧର ବେହେରା କହିଥିଲେ ଯେ, ସ୍ପିଙ୍ଗ୍ ଟ୍ୟାଙ୍କ୍ ବିଷୟରେ ସବୁ ମାସର ତଥ୍ୟ ମାଗୁଥିଲେ ମଧ ସଠିକ୍ ତଥ୍ୟ ଦିଆଯାଉନାହିଁ । ଗତ ମାସରେ ନିଷ୍ପତି ହୋଇଥିଲା ନଗର ଯନ୍ତ୍ରୀ ଏକ ମିଟିଙ୍ଗ୍ କରି ନିଷ୍ପତି ନେବାକୁ କିନ୍ତୁ ଏପର୍ଯ୍ୟନ୍ତ କିଛି ହେଲାନାହିଁ । ଏହା ଉପରେ ଆଲୋଚନା କରାଗଲା । ନୂତନ ନଗର ଯନ୍ତ୍ରୀ ଦାୟିତ୍ୱ ନେବାପରେ ଏହା ଉପରେ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୧. ଗତ ତା ୧୮.୦୪.୨୦୨୬ ରିଖ ସାଧାରଣ ବୈଠକ ବିବରଣୀ ଦୃଢ଼ୀକରଣ:-

ନିର୍ଦ୍ଧାରଣ-୧. ଗତ ତା ୧୮.୦୪.୨୦୨୬ ରିଖ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତ୍ତର:- (ତା ୨୬.୦୫.୨୦୨୬ ରିଖ)**

<u>ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ, ୱାର୍ଡ ନଂ-୧୬</u>

ପ୍ରଶ୍ନ-୨(୧). ମୋ ୱାର୍ଡ଼ରେ ଥିବା ପେଙ୍ଗୁଇନ୍ ଆପାର୍ଟମେଂଟ ନିକଟରେ ଥିବା ସଂକୀର୍ଣ୍ଣ ନାଳ କାରଣରୁ ନାଳର ପାଣି ଓଭରଫ୍ଲୋ ହେଉଛି । ସେଠାରେ ଅବୈଧ ଭାବେ ଏକ ସିକ୍ୟୁରିଟି ଘର ନିର୍ମାଣ କରାଯାଇଥିବାରୁ ନାଳଟି ଆହୁରି ସଂକୀର୍ଣ୍ଣ ହୋଇଯାଇଛି । ଦୟାକରି ଜଣାଇବେ କି, ଏହି ସିକ୍ୟୁରିଟି ଘର କିଏ ନିର୍ମାଣ କରିଛନ୍ତି ଏବଂ ଏଥିପାଇଁ ଅନୁମତି କିଏ ଦେଇଛନ୍ତି ?

ଉତ୍ତର-୨(୧). ୱାର୍ଡ ନଂ-୧୬ ରେ ଥିବା Penguin Homes ନିକଟରେ ଏକ ସିକ୍ୟୁରିଟି ଘର ଥିବା ତଥ୍ୟଟି ଅମିନଙ୍କ ରିପୋର୍ଟ ଅନୁସାରେ ରହିଅଛି । Penguin Homes ର ଗୃହ ନକ୍ସା ଅନୁମୋଦନ ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ଯୋଜନା ଉପବିଭାଗ ଦ୍ୱାରା କରାଯାଇନାହିଁ । ସରଜମିନ ତଦନ୍ତ କରାଯାଇଥିବା ରିପୋର୍ଟ ମୁତାବକ ଉପସ୍ଥିତ ଥିବା ନିରାପତାରକ୍ଷୀମାନେ ଗୃହଟି କିଏ ନିର୍ମାଣ କରିଛନ୍ତି ସେ ସମ୍ବନ୍ଧରେ କହିପାରିଲେ ନାହିଁ ଏବଂ ଉକ୍ତ ଗୃହ ନକ୍ସାଟିକୁ କିଏ ଅନୁମତି ଦେଇଛନ୍ତି ତାହାର ତଥ୍ୟ ଯୋଜନା ଉପବିଭାଗରେ ଉପଲବ୍ଧ ନାହିଁ ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତା କହିଥିଲେ ଯେ, ଯେହେତୁ ଏହି ସିକ୍ୟୁରିଟି ଗୃହ ନିର୍ମାଣ କରିବା ପାଇଁ କେହି ଅନୁମତି ଦେଇନାହାଁନ୍ତି, ଏହି ଅବୈଧ ଗୃହ ଯୋଗୁଁ ନାଳର ଜଳ ନିଷ୍କାସନ ହୋଇପାରୁନାହିଁ, ତେଣୁ ଏହାକୁ ଉଚ୍ଛେଦ କରାଯାଉ ବୋଲି ଦାବୀ କରିଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

<u>ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫</u>

ପ୍ରଶ୍ନ-୨(୨). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ପି.ଏମ୍.ୟୁ ସେଲ୍ କେବେ କାହା ଅନୁମତିରେ, କେଉଁଥିପାଇଁ ଏବଂ ବାର୍ଷିକ ଖର୍ଚ୍ଚ କେତେ ହେବ, ସରକାରଙ୍କ ଠାରୁ (Urban & Housing Department) ଏବଂ କର୍ପୋରେସନରେ ଉପସ୍ଥାପନା କରି ଅନୁମତିପ୍ରାପ୍ତ କରାଯାଇଥିଲା କି ?

(କ) According Govt. Circular & Corporation Act କେତୋଟି କର୍ମଚାରୀ ନିଯୁକ୍ତି ପାଇଁ ଅନୁମୋଦନ ପ୍ରାପ୍ତ ହୋଇଥିଲେ ? ଏବେ କେତେ ଜଣ କର୍ମଚାରୀ ଏଥିରେ କାମ କରୁଛନ୍ତି ? ଏମାନେ ପାଉଥିବା ଦରମା ଅର୍ଥ ସରକାରୀ ଅନୁଦାନପ୍ରାପ୍ତ ନା କର୍ପୋରେସନ ଅର୍ଥରେ ଚାଲୁଛି ? ଏହି କର୍ମଚାରୀ ମାନଙ୍କର Salary Slab ସରକାରଙ୍କର କେଉଁ ନୀତିନିୟମ ଆଧାରରେ pay କରାଯାଉଅଛି ତା'ର ସଠିକ୍ ବିବରଣୀ ତଥା ଅଫିସ୍ ଅର୍ଡ଼ର୍ (Government) ର ଏକ ନକଲ କପି କର୍ପୋରେସନରେ ଉପସ୍ଥାପନ କରାଯାଉ । ଉପରୋକ୍ତ କର୍ମଚାରୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତା ଓ ପଦବୀର proper information ଉପସ୍ଥାପନ କରାଯାଉ । କର୍ପୋରେସନରେ ୩ ଟି Engineering Works Division ତଥା ଡ୍ରେନେଜ୍ କାମ ପାଇଁ ସ୍ୱତନ୍ତ୍ର ଡ଼ିଭିଜନ୍ ଏବଂ କୋଠାବାଡ଼ି ପ୍ଲାନ୍ ଆପ୍ରୁଭାଲ୍ ପାଇଁ Sufficient technical portion with City Planner office ଖୋଲାଯାଇଅଛି । ଏତେଗୁଡ଼ିଏ technical portion ଥିବା ସତ୍ୱେ ପି.ଏମ୍.ୟୁ ଭଳି ବହୁମୂଲ୍ୟ ଅର୍ଥ ଶ୍ରାଦ୍ଧ କେଉଁ ଉଦ୍ଦେଶ୍ୟରେ, ଆଜି ବି.ଏମ୍.ସି ର ଅର୍ଥନୈତିକ ସ୍ଥିତି ଦୋହଲୁ ଥିଲାବେଳେ କେଉଁ ସାଧୁ ଉଦ୍ଦେଶ୍ୟରେ ଏହାକୁ ବରଖାସ୍ତ କରାନଯାଇ ପାଖାପାଖି ୧୦୦ କୋଟିରୁ ଅଧିକ ଖର୍ଚ୍ଚ କରାଯାଇଛି କାହିଁକି ? ଅନୁଗ୍ରହ କରି ଉପରୋକ୍ତ ପ୍ରଶ୍ନ ଗୁଡ଼ିକର ସଠିକ୍ ବିବରଣୀ

ସହ supporting Corporation Resolution Copy, Office Letters Copy (BMC) ଏବଂ H & UD Department ର ସମସ୍ତ correspondence ସହ Final approval letter ର ଏକକିତା ନକଲ କର୍ପୋରେସନରେ ଉପସ୍ଥାପନା କରନ୍ତୁ ଯାହା ଫଳରେ ସମୟ ବଂଚିବ ଏବଂ ଗୋଟିଏ ମିଟିଙ୍ଗ୍‌ରେ ହୁଏତ ଏହାର ସମାଧାନ ବାହାରିପାରିବ ।

ଉତ୍ତର-୨(୨). ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ହେଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ PMU Cell (Project Monitoring Cell) ର ପ୍ରତିଷ୍ଠା କରାଯାଇଥିଲା | କର୍ପୋରେସନ ର ଅନୁମୋଦନ କ୍ରମେ ଭୁବନେଶ୍ୱର ମହାନଗର ନିଗମ ରେ କାର୍ଯ୍ୟ କରିବା ପାଇଁ PMU ପ୍ରତିଷ୍ଠା ନିମନ୍ତେ ଡ଼କାଯାଇଥିବା RFP ରେ M/s Egis India Consulting Engineering Pvt. Ltd. ସବୁଠାରୁ କମ ମୂଲ୍ୟ ଟ. ୧୯,୮୫,୪୯୦/- (ମାସିକ ) ରେ ଗ୍ରହଣ କରାଯାଇ ବାର୍ଷିକ ୧୦ % ବୃଦ୍ଧି ସହିତ ୩ ବର୍ଷ ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତାବ ଅନୁମୋଦିତ ହୋଇଥିଲା |

(କ) RFP ଓ Agreement ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୧୨ ଜଣ କର୍ମଚାରୀ ନିଯୁକ୍ତି ପାଇଁ ଅନୁମୋଦନ ପ୍ରାପ୍ତ ହୋଇଥିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କର୍ପୋରେସନ ର ଅନୁମୋଦନ କ୍ରମେ ଅତିରିକ୍ତ ୪ ଜଣ କର୍ମଚାରୀ ନିଯୁକ୍ତି ପାଇଁ ଅନୁମୋଦନ ପ୍ରାପ୍ତ ହୋଇଥିଲା | (ଏହାର ଏକ ନକଲ ପତ୍ର ଏଥି ସହ ସଂଲଗ୍ନ କରାଗଲା |) ବର୍ତମାନ ସମୁଦାୟ ୧୩ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି | ଏହି କର୍ମଚାରୀ ମାନଙ୍କ ଦରମା RFP ଓ Agreement ର ଚୁକ୍ତିନାମା ଧାରା ଅନୁସାରେ ହୋଇଥାଏ | ଏହାର ଏକ ବିବରଣୀ ନକଲ ପ୍ରଦାନ କରାଗଲା | ଏହି କର୍ମଚାରୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତା ଓ ପଦବୀ ର ଏକ ବିବରଣୀ ନକଲ ମଧ ପ୍ରଦାନ କରାଗଲା |

ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ହେଉଥିବା ବହୁମୁଖୀ କାର୍ଯ୍ୟ (multi-disciplinary work) ଯେପରି ପ୍ରମୁଖ ଚାଲୁଥିବା ପ୍ରକଳ୍ପ, ଯଥା ପାଣ୍ଡରାରେ ପାଇକାରୀ ମାଛ ବଜାର, ଭଗବାନପୁର ପନିପରିବା ପାଇକାରୀ ବଜାର, ବଡ଼ଗଡ଼ ମାର୍କେଟ୍ କମ୍ପ୍ଲେକ୍ସ, ରୁଚିକା ମାର୍କେଟ୍ ର ପୁନଃବିକାଶ, ଜାମୁକୋଲିରେ ଗୋରୁ ପୁନର୍ବାସ କେନ୍ଦ୍ର, ୟୁନିଟ୍-IV ମାର୍କେଟ୍ ର ପୁନଃବିକାଶ, ଭରତପୁରର ତାରିଣୀ ମାର୍କେଟ୍ ର ପୁନଃବିକାଶ, ନାଗେଶ୍ୱର ଟାଙ୍ଗୀ, ଡମଣା, VSS ନଗର ଏବଂ ପଡ଼ୋଶୀ ବଜାରରେ ବଜାରର ପୁନଃବିକାଶ ଏବଂ ଦାରୁଠେଙ୍ଗାରେ ପୁନଃପ୍ରାପ୍ତ ଜୈବ-ଖଣି ସ୍ଥାନ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି, ବର୍ତ୍ତମାନ Egis India Consulting Engineers Pvt. Ltd. ମାଧ୍ୟମରେ ପରିଚାଳିତ PMU ସେଲ୍ ଦ୍ୱାରା ସମର୍ଥିତ ଏବଂ ତଦାରଖ କରାଯାଉଛି।

ପ୍ରଶ୍ନ-୨(୩). ଗତ ୨୦୨୨ ମସିହା ଆମ ୱାର୍ଡ଼ର ରଥରୋଡ୍ ଠାରେ ବି.ଏମ୍.ସି ତରଫରୁ ମାଉସୀମା ଛକ ଏବଂ ବିବେକାନନ୍ଦ ମାର୍ଗରେ ବିଭିନ୍ନ ପ୍ରକାରର କ୍ଷୁଦ୍ର ବ୍ୟବସାୟୀ ଜଳଖିଆ ଦୋକାନ, ଫଳ ଦୋକାନ ଓ ପରିବା ଦୋକାନ କରିଥିବା ଲୋକମାନଙ୍କୁ ରାସ୍ତା କଡ଼ରୁ ଉଠାଇ ଗୋଟେ ବ୍ୟବସ୍ଥିତ ଜାଗାରେ ଥଇଥାନ କରିବା ପାଇଁ ତତ୍କାଳୀନ କମିଶନର ମହୋଦୟଙ୍କ ନିର୍ଦ୍ଦେଶରେ ଏକ ଖାଲି ସ୍ଥାନ ଚିହ୍ନଟ କଟାଯାଇ ଏକ Food Court ନିର୍ମାଣ କରାଯାଇଥିଲା, ଯେଉଁ ଜମିଟି ସମ୍ପୂର୍ଣ୍ଣ ରୂପେ ଲିଙ୍ଗରାଜ ମହାପ୍ରଭୁଙ୍କର ସମ୍ପତି ଅଟେ । ଏହି ପ୍ରୋଜେକ୍ଟଟି ୧୫ ଲକ୍ଷ ଟଙ୍କା ବ୍ୟୟରେ ରାଜ୍ୟ ସରକାରଙ୍କର ଜାଗା ମିଶନ୍ ସ୍କିମ୍‌ରେ ନିର୍ମାଣ କରାଯାଇଥିଲା । ନିର୍ମାଣ ସମୟରେ ଉକ୍ତ ଜାଗାରୁ ୧୦୦ ଡ଼ିସିମିଲ୍ ପ୍ରାଇଭେଟ୍ ତଥା ସ୍ଥିତିବାନ୍ ବୋଲି ତରୁଣକାନ୍ତି ସେନାପତି ନିକଟସ୍ଥ ରାମେଶ୍ୱରପାଟଣା ଅଧିବାସୀ ଦାବୀ କରିଥିଲେ । ସେହି ଜାଗାର ମାଲିକାନା ସତ୍ୱ ରୂପେ ପଟ୍ଟା ମଧ ପ୍ରଦର୍ଶନ କରିଥିଲେ । ଉକ୍ତ ଜାଗାକୁ ସେମାନେ ଏକାମ୍ର ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଇ ତାଙ୍କ ଠାରୁ କିଣିନେବା ପାଇଁ ମଧ କମିଶନରଙ୍କୁ ଅନୁରୋଧ କରିଥିଲେ । ସେ ସମୟର ସାଉଥ୍ ଇଷ୍ଟ୍ ଜୋନ୍ ଜୋନାଲ୍ ଡ଼େପୁଟି କମିଶନର ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ ଏହି କାଗଜକୁ ଅନୁଧ୍ୟାନ କରି ମତ ରଖିଥିଲେ ଯେ, ଏହା ସମ୍ପୂର୍ଣ୍ଣ ରୂପେ ଲିଙ୍ଗରାଜଙ୍କ ସମ୍ପତି ଅଟେ, ଏହି ଭଦ୍ରଲୋକ ଲିଙ୍ଗରାଜଙ୍କର ସମ୍ପତିର ମାର୍ଫତଦାର ଠାରୁ କ୍ରୟ କରିଛନ୍ତି । ଏଣୁ ନିକଟ ଅତୀତରେ ମାନ୍ୟବର ହାଇକୋର୍ଟଙ୍କ ରାୟ ଅନୁଯାୟୀ ମାର୍ଫତଦାରମାନେ ଠାକୁରଙ୍କ ସମ୍ପତି ଭୋଗ କରିପାରିବେ, କିନ୍ତୁ କାହାରିକୁ ବିକ୍ରୟ କରିପାରିବେ ନାହିଁ, ଯଦି କେହି ଏଭଳି କରିଥାନ୍ତି ତାହା ହେଲେ ଉକ୍ତ କ୍ରୟ-ବିକ୍ରୟ ଆଇନ୍ ଅନୁଯାୟୀ ଅବୈଧ ଅଟେ । ଏହି ଆଧାରରେ ଉକ୍ତ ଜମିର ମାଲିକାନା କେବଳ ଲିଙ୍ଗରାଜଙ୍କ ଟ୍ରଷ୍ଟ୍ ବୋର୍ଡ଼କୁ ବୁଝାଉଛି । ୨୦୨୪ ମସିହାରେ ଉକ୍ତ Food Court କୁ ମାଉସୀମା ଛକରେ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ହୋଇ ବସିଥିବା

ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ସେଠାରେ ବସିବା ପାଇଁ ଅନୁମତି ଦିଆଯାଇଥିଲା । ପ୍ରକାଶ ଥାଉକି, ଉକ୍ତ Food Court Project ଟି ୨୦୨୪ ଅକ୍ଟୋବର ମାସରେ ମାନ୍ୟବର ବିଧାୟକ "ଏକାମ୍ର" ଏବଂ ମାନନୀୟା ମେୟର, ବି.ଏମ୍.ସି ଙ୍କର କରକମଳରେ ଉଦଘାଟନ କରାଯାଇଥିଲା । ଯେଉଁଦିନ ଉକ୍ତ Food Court ରେ ବ୍ୟବସାୟିକ କାର୍ଯ୍ୟ ଆରମ୍ଭ କରାଗଲା, ସେହିଦିନ ସେନାପତିଙ୍କ ପରିବାରର ୨ ଜଣ ସଦସ୍ୟ ଆସି ଜୋର୍ କରି entrance gate ରେ ତାଲା ପକାଇ, ବସି ଅବରୋଧ କରିଥିଲେ, ଯାହା ଫଳରେ ବିବାଦ ସୃଷ୍ଟି ହୋଇଥିଲା । ଏ ବାବଦରେ ସେନାପତି ପରିବାର ବର୍ତ୍ତମାନର ସାଉଥ୍ ଇଷ୍ଟ ଜୋନାଲ୍ ହେଡ୍ ଶ୍ରୀଯୁକ୍ତ ଧନଞ୍ଜୟ ମହାନ୍ତିଙ୍କୁ ଅଭିଯୋଗ କରିଥିଲେ । ଏ ସମସ୍ତ ବିଷୟରେ ଅନୁଧ୍ୟାନ କରି ଜୋନାଲ୍ ଡ଼େପୁଟି କମିଶନର ମହୋଦୟ ୨୦୨୬ ଏପ୍ରିଲ୍ ମାସରେ ବି.ଏମ୍.ସି ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିଆରି କରିଥିବା Food Court ର ପ୍ରାୟ ଅଦ୍ଧାଧିକ ଏରିଆକୁ ଏନଫୋର୍ସମେଂଟ ଟିମ୍ ଦ୍ଵାରା ଭାଙ୍ଗିଥିଲେ । ଭାଙ୍ଗିବାର ୨ ଦିନ ପୂର୍ବରୁ ମୁଁ କମିଶନର ମହୋଦୟଙ୍କୁ ଏ ସମସ୍ତ ବିଷୟରେ ଅବଗତ କରାଇଥିଲି, କମିଶନର ମହୋଦୟ ମଧ ଏ ବାବଦରେ ଆମେ ଆଲୋଚନା କରିବା ବୋଲି କଥା ଦେଇଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ଏ ଆଲୋଚନା ପୂର୍ବରୁ ପ୍ରୋଜେକ୍ଟ ଟି ଭାଙ୍ଗି ଦିଆଗଲା । ସ୍ଥାନୀୟ ଜନତା ତଥା ଉକ୍ତ ଜାଗାରେ ପାଇଥିବା କ୍ଷୁଦ୍ର ବ୍ୟବସାୟୀଗଣ ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ଆଶ୍ଚର୍ଯ୍ୟାନ୍ଵିତ ହୋଇ ପ୍ରଶ୍ନ କରିଥିଲେ ଯେ, ଯଦି ଏହା ଭାଙ୍ଗିବାର ଥିଲା କାହିଁକି, କାହା ସ୍ଵାର୍ଥରେ ଏ ପ୍ରୋଜେକ୍ଟ ବାବଦରେ ୧୫ ଲକ୍ଷ ଟଙ୍କା ପବ୍ଲିକ୍ ମନି ଖର୍ଚ୍ଚ କରାଯାଇଥିଲା ? ପ୍ରୋଜେକ୍ଟ ଆରମ୍ଭ କଲାବେଳେ ଲ୍ୟାଣ୍ଡ୍ ଉପବିଭାଗ, ବି.ଏମ୍.ସି ସମ୍ପୂର୍ଣ୍ଣ ରୂପେ ଅନୁଧ୍ୟାନ କରି, ମାପଚୂପ କରି ନିଶ୍ଚିନ୍ତ ହେଲାପରେ ଏହାକୁ ନିର୍ମାଣ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଏଣୁ ଏଠାରେ ପ୍ରଶ୍ନ ଏହିକି ଯେ, ଯେତେବେଳେ ନିର୍ମାଣ କରାଯାଇଥିଲା ତାହା ଭୁଲ୍ ଥିଲା କି ? ନା ବର୍ତ୍ତମାନ ବିନା ଅନୁଧ୍ୟାନ କରି ଭଙ୍ଗାଯିବା ଭୁଲ୍ ଥିଲା ? ଶେଷ ପ୍ରଶ୍ନ ମୋର ଏହିକି ଯେ, ଉକ୍ତ ଜାଗାରେ ବି.ଏମ୍.ସି ପ୍ରପୋଜାଲ୍ ଦେବା, ଜାଗାର ମାଲିକାନା ଅନୁଧ୍ୟାନ କରିବା ଏବଂ ଶେଷରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟନ୍ତ ସୁନ୍ଦର ପ୍ରୋଜେକ୍ଟ କରି ତାକୁ ପୁନର୍ବାର ନିଜେ ବି.ଏମ୍.ସି ଭାଙ୍ଗିବା କେତେଦୂର ସମୀଚୀନ ? ଏଥିରେ ବରବାଦ୍ ହୋଇଛି ୧୫ ଲକ୍ଷ ପବ୍ଲିକ୍ ମନିର ଭରଣା କେଉଁ ବି.ଏମ୍.ସି ଅଧିକାରୀଙ୍କର ପକେଟ୍‌ରୁ କରାଯିବ ତା'ର ଉତର ସ୍ପଷ୍ଟ କରନ୍ତୁ । ତତ୍‌ସହିତ ରାସ୍ତା କଡ଼ର ବିଭିନ୍ନ ବିସ୍ଥାପିତ କ୍ଷୁଦ୍ର ବ୍ୟବସାୟୀଙ୍କୁ କିଭଳି କେଉଁ ଜାଗାରେ ଥଇଥାନ କରାଯିବ ତାହା ମଧ ସ୍ପଷ୍ଟ କରନ୍ତୁ ।

ଉତ୍ତର-୨(ଗ). ସରଜମିନ ତଦନ୍ତରୁ ଜଣାଯାଏ ଯେ, ମାଉସୀମା ଛକ ଏବଂ ବିବେକାନନ୍ଦ ମାର୍ଗରେ ବିଭିନ୍ନ ପ୍ରକାର କ୍ଷୁଦ୍ର ବ୍ୟବସାୟୀ ଜଳଖିଆ ଦୋକାନ, ଫଳ ଦୋକାନ ଓ ପରିବା ଦୋକାନ କରିଥିବା ଲୋକମାନଙ୍କୁ ରାସ୍ତା କଡ଼ରୁ ଉଠାଇ ଗୋଟେ ବ୍ୟବସ୍ଥିତ ଜାଗାରେ ଥଇଥାନ କରିବା ପାଇଁ ତତ୍‌କାଳୀନ କମିଶନର ମହୋଦୟଙ୍କ ନିର୍ଦ୍ଦେଶରେ ମଉଜା-ଗୌତମ ନଗର, ପ୍ଲଟ୍ ନଂ-୫୭୧,୫୭୨,୫୭୨/୪୯୩୯ ଓ ୫୭୨/୪୯୩୮ ରେ ଥଇଥାନ କରିବା ନିମନ୍ତେ ଖାଲି ସ୍ଥାନ ଚିହ୍ନଟ କରାଯାଇଥିଲା । ଉକ୍ତ ପ୍ଲଟ୍ ଗୁଡ଼ିକର ରେକର୍ଡ଼ ଦେଖିବାରେ ଜଣାଯାଏ ପ୍ଲଟ୍ ନଂ-୫୭୧, ୫୭୨, ୫୭୨/୪୯୩୯ ଖାତା ନଂ-୪୪୧ ମାଲିକ ଶ୍ରୀ ଲିଙ୍ଗରାଜ ମହାପ୍ରଭୁ ବିଜେ ଭୁବନେଶ୍ଵର ମାର୍ଫତ ଟ୍ରଷ୍ଟ ବୋର୍ଡ଼ ନାମରେ ରେକର୍ଡ଼ ଥିବାବେଳେ ପ୍ଲଟ୍ ନଂ-୫୭୨/୪୯୩୮ ର ମାଲିକ ବିପ୍ରଚରଣ ସେନାପତି, ପିତା-ହଳଧର ସେନାପତିଙ୍କ ନାମ ୧୯୯୫ ସେଟଲମେଂଟ ପଟ୍ଟା ଅନୁଯାୟୀ ୧୦୦ ଡ଼ିସିମିଲ୍ ଜାଗା ଦାବି କରନ୍ତି ଓ ପଟ୍ଟା ମଧ ଦର୍ଶାନ୍ତି । ସେଠାରେ ଭୁବନେଶ୍ଵର ମହାନଗର ନିଗମର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୩ ଙ୍କ ଦ୍ଵାରା ଜାଗା ମିଶନ୍ ସ୍କିମ୍‌ରେ ପେଭର୍ ବ୍ଲକ୍ ପକାଯାଇଥିଲା ।

ଶ୍ରୀ ସେନାପତି ଭୁବନେଶ୍ଵର ମହାନଗର ନିଗମର କମିଶନରଙ୍କୁ ଅନୁରୋଧ କରିଥିଲେ ଯେ, ସେଠାରେ ମୋର ଜାଗା ରହିଅଛି । ପରବର୍ତ୍ତୀ ସମୟରେ ଉପ ଆୟୁକ୍ତ, ମୁକ୍ତାଙ୍କ ପତ୍ରସଂଖ୍ୟା-୪୪୩୦ ତା ୨୯.୦୧.୨୦୨୪ ରିଖରେ ଶ୍ରୀ ସେନାପତିଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ଯେ, ସେଠାରେ ପଡ଼ିଥିବା ପେଭର୍ ବ୍ଲକ୍ କୁ ଯେକୌଣସି ମୁହୂର୍ତ୍ତରେ ବି.ଏମ୍.ସି ତରଫରୁ ଉଠାଇ ଦିଆଯାଇପାରେ । ଶ୍ରୀ ସେନାପତି ତା ୧୩.୧୦.୨୦୨୫ ରିଖ ଅନୁରୋଧ କ୍ରମେ ସହାୟକ ଯନ୍ତ୍ରୀ ଓ ଅମିନଙ୍କ ରିପୋର୍ଟକୁ ଭିତିକରି ଦାବି କରିଥିବା ଏରିଆ ୧୦୦ ଡ଼ିସିମିଲ୍ ଜାଗାକୁ ବି.ଏମ୍.ସି ର ଦକ୍ଷିଣ-ପୂର୍ବ ମଣ୍ଡଳ ତରଫରୁ ତା ୨୨.୦୪.୨୦୨୬ ରିଖରେ ପଡ଼ିଥିବା ପେଭର୍ ବ୍ଲକ୍ କୁ ଉଠାଇ ଦିଆଯାଇଅଛି ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଯେତେବେଳେ ଆଂଚଳିକ ଅଧିକାରୀ ଉକ୍ତ ଜମିର ମାଲିକାନା ସମ୍ପର୍କରେ ଜାଣିବା ପରେ ସେଠାରେ ୧୫ ଲକ୍ଷ ଟଙ୍କା ଭୁବନେଶ୍ୱର ମହାନଗର ନିଗମ ଖର୍ଚ୍ଚ କଲା । ପୁନଃବାର କିପରି ଜମିର ମାନ ବଦଳିଗଲା ଏବଂ ହୋଇଥିବା କାର୍ଯ୍ୟକୁ ଭାଙ୍ଗି ଦିଆଗଲା । ଏହା ଉପରେ ଆଲୋଚନା କରାଗଲା । ଜମିର ମାଲିକାନା ସମ୍ପର୍କରେ ତହସିଲଦାର, ଭୁବନେଶ୍ୱରଙ୍କୁ ଲେଖିବା ପାଇଁ ଉପ ଆୟୁକ୍ତ (ଭୂମି) ଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

<u>ଶ୍ରୀ ଆଶିଷ କୁମାର ପଟ୍ଟନାୟକ, ୱାର୍ଡ଼ ନଂ-୪୨</u>

ପ୍ରଶ୍ନ-୨(୪). ମୋ ୱାର୍ଡ଼ରେ ଥିବା ବିଲ୍ଡ଼ର୍ (୧) Utkal Builder (୨) Khushi Alitar ଦ୍ୱାରା ବିଦ୍ୟାପୀଠ (୩) Indu Housing Society apartment and Builder Laxmisagar Durga Mandap ଗଳିରେ Gokul Jena Colony ଗଳିରେ ଥିବା Builder ଏବଂ Mahadev Saw rill ରେ ଥିବା ବହୁତଳ ପ୍ରାସାଦ ନିର୍ମିତ EIDP ରେ ପ୍ଲାନ୍ ଆପ୍ରୁଭ୍ ହୋଇଥିବ ଏବଂ ତାହା ପଡ଼ି ରହିଛି । ତାହେଲେ ଏମାନଙ୍କର ଏକ EIDP Plan ର ନକଲ କର୍ପୋରେଟର ଏବଂ ମାନନୀୟା ମେୟରଙ୍କୁ ଦିଆଯାଉ ।

ଉତ୍ତର-୨(୪). ପରବର୍ତ୍ତୀ ସମୟରେ ସଂଗ୍ରହ କରି ନକଲ ଗୁଡ଼ିକ ଦିଆଯିବ ।

ପ୍ରଶ୍ନ-୨(୫). ମୋ ୱାର୍ଡ଼ରେ ଥିବା Dipali Hotel ସାମନାରେ ଥିବା ବି.ଏମ୍.ସି ର ୨୦ ଟି vending or say kiosk ଯେଉଁ ଗୁଡ଼ିକ ରୁଗୁଣ ଅବସ୍ଥାରେ ଅଛି ତାକୁ eviction କରାଯାଇ renovation କରାଗଲେ ପ୍ରାୟ ୪୦ ରୁ ୫୦ ଲୋକ ଦୋକାନ ଗୃହ ପାଇପାରିବେ ତା' ଦ୍ୱାରା ବି.ଏମ୍.ସି ର ରେଭିନ୍ୟୁ ବଢ଼ିବ । ମୁଁ ବର୍ଷେ ହେଲା ଏହା ଲେଖିକି ଦେଉଛି । ବି.ଏମ୍.ସି ପାଖରେ ଏହାର ତଥ୍ୟ ନାହିଁ କାହିଁକି ଦୟାକରି ଏହା ଉପରେ ଦୃଷ୍ଟି ଦେବେ କି ?

ଉତ୍ତର-୨(୫). କର୍ପୋରେଟର, ୱାର୍ଡ଼ ନଂ-୪୨ ଙ୍କ ପ୍ରସ୍ତାବ ଏବଂ ମଣ୍ଡଳ ଉପ ଆୟୁକ୍ତ (ସାଉଥ୍-ଇଷ୍ଟ), ଭୁବନେଶ୍ୱର ମହାନଗର ନିଗମଙ୍କ ରିପୋର୍ଟ ଅନୁଯାୟୀ ହୋଟେଲ୍ ଦୀପାଳି ଠାରେ ନିର୍ମିତ ଭେଣ୍ଡିଙ୍ଗ୍ କିଓସ୍କ ଗୁଡ଼ିକ ରୁଗ୍ଣ ଅବସ୍ଥାକୁ ଆସିଥିବାରୁ ସେଠାରେ ଏକ ନୂତନ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ବି.ଏମ୍.ସି ପି.ଏମ୍.ୟୁ ସେଲ୍‌କୁ ଡ଼ିଜାଇନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି ।

ଏଠାରେ ସୂଚିତ କରାଯାଉଛି ଯେ, ମହାନଗର ନିଗମ ପକ୍ଷରୁ ଡ଼ିସେମ୍ବର-୧୯୯୯ ମସିହାରୁ ୨୪ ଜଣ ଭେଣ୍ଡରଙ୍କୁ ସେହି ସ୍ଥାନରେ ୮'X୮' ଜାଗା ଭଡ଼ା ସୂତ୍ରରେ ମାସିକ ଟ୨୦୦/- ହିସାବରେ ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ମଣ୍ଡଳ ଉପ ଆୟୁକ୍ତ (ଦକ୍ଷିଣ-ପୂର୍ବ), ଭୁବନେଶ୍ୱର ମହାନଗର ନିଗମଙ୍କୁ ପତ୍ରସଂଖ୍ୟା-୨୬୯୩୦ ତା ୧୨.୦୫.୨୦୧୬ ଗିଖ ମାଧମରେ ଉକ୍ତ ଭେଣ୍ଡର ମାନଙ୍କ ଠାରୁ ବକେୟା ଭଡ଼ା ସୁଧ ସହିତ ଆଦାୟ କରିବା ପାଇଁ ଜଣାଇ ଦିଆଯାଇଅଛି । ଏହା ସହିତ ଯେଉଁମାନେ ଏଥିରେ ଖିଲାପ କରିବେ ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରିବା ପାଇଁ ମଧ କୁହାଯାଇଅଛି ।

<u>ଶ୍ରୀମତୀ ମହାମାୟା ସ୍ୱାଇଁ, ୱାର୍ଡ଼ ନଂ-୫୩</u>

ପ୍ରଶ୍ନ-୨(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଲେପ୍ରସି କଲୋନୀରେ ସରକାରୀ ଯୋଜନାରେ ହିତାଧିକାରୀମାନେ ପାଇଥିବା ଘର ଗୁଡ଼ିକ କେଉଁ ନିୟମ ଅନୁସାରେ ଦିଆଯାଇଅଛି, ପରିବାରର ଜଣେ ଲେପ୍ରସି ହୋଇଥିଲେ ତାଙ୍କର ପରିବାର ସମସ୍ତ ଲୋକ ଘର ପାଇବା ପାଇଁ ନିୟମ କ'ଣ ଅଛି । ଏହି ଘର ରାଜିବ ଆବାସ ଯୋଜନା (RAY) ଅନୁସାରେ ଦିଆଯାଇଅଛି କିମ୍ବା ଲେପ୍ରସି ହିସାବରେ ଦିଆଯାଇଅଛି, ଯଦି RAY ଅନୁସାରେ ପାଇଛନ୍ତି ତେବେ ସରକାରଙ୍କ ନିୟମ ଅନୁସାରେ ଆବଶ୍ୟକ ଅର୍ଥ ନିଗମରେ କେତେ ଟଙ୍କା ଲେଖାଏଁ ଦାଖଲ କରିଛନ୍ତି କିମ୍ବା ଲେପ୍ରସି ହିସାବରେ ଦିଆଯାଇଥିଲେ ସମସ୍ତଙ୍କୁ ଲେପ୍ରସି ଥିଲେ କି ? ଏହି ସମ୍ବନ୍ଧରେ ଭୁବନେଶ୍ୱର ମହାନଗର ନିଗମରୁ ଯେଉଁ ଚିଠି କିମ୍ବା ନିର୍ଦ୍ଦେଶ ସେମାନଙ୍କୁ ଦିଆଯାଇଅଛି ସେମାନେ ଗ୍ରହଣ କରୁନାହାଁନ୍ତି କିମ୍ବା ନିର୍ଦ୍ଦେଶ ପାଳନ କରୁନାହାଁନ୍ତି ସେମାନଙ୍କ ପ୍ରତି ନିୟମ ଅନୁସାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ଏହାର ତଥ୍ୟ ଗୃହକୁ ଜଣାଇବେ କି ?

ଉତ୍ତର-୨(୬). ବର୍ତ୍ତମାନ ସୁଦ୍ଧା ୨ ଗୋଟି ଲେପ୍ରସି କଲୋନୀରେ ଗୃହ ନିର୍ମାଣ କରାଯାଇ ଯଥା:- ଲିଙ୍ଗରାଜ ଲେପ୍ରସି କଲୋନୀ ଓ ଗୋଛାବାବା ଲେପ୍ରସି କଲୋନୀ ଏହି ଦୁଇଟି କଲୋନୀରେ ହୋଇଥିବା ଗୃହ ଗୁଡ଼ିକ ଲେପ୍ରସିମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ ପାଇଁ ସ୍ୱତନ୍ତ୍ର ସହାୟକ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଇଅଛି । ଯେଉଁମାନେ "ରେ" ସର୍ଭେରେ ଥିଲେ ସେହିମାନେ ତାଲିକାଭୁକ୍ତ ହୋଇଛନ୍ତି, ସେହିମାନଙ୍କର ନାମରେ ଗୃହ ଆବଂଟନ କରାଯାଇଅଛି । ଯେଉଁ ଗୃହ ଗୁଡ଼ିକ ହୋଇଛି ତାହା "ରେ" ଯୋଜନାରେ ହୋଇନଥିବାରୁ ସେଥିରୁ ହିତାଧିକାରୀଙ୍କ ଠାରୁ ଦେୟ ନେବା ପ୍ରାବଧାନ ନାହିଁ । କିନ୍ତୁ ସେଥିମଧ୍ୟରୁ କିଛି ହିତାଧିକାରୀଙ୍କ ଲେପ୍ରସି ପ୍ରମାଣପତ୍ର ନାହିଁ ।

ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ, ୱାର୍ଡ଼ ନଂ-୨୫

ପ୍ରଶ୍ନ-୨(୭). କ) ଏପ୍ରିଲ୍-୧ ତାରିଖ ଠାରୁ ମଇ-୧ ତାରିଖ ପର୍ଯ୍ୟନ୍ତ ୱାର୍ଡ଼ ନଂ-୨୫ ରେ କେତେ ଗୋଟି ସେବା ଅନୁରୋଧ (service request) ୧୯୨୯ ଯୋଗେ ପଞ୍ଜୀକୃତ ହୋଇଛି ଏବଂ ସେଗୁଡ଼ିକ କେଉଁ ପ୍ରକାର ଏବଂ କ'ଣ ?

ଖ) ପଞ୍ଜୀକୃତ ହୋଇଥିବା ସେବା ଅନୁରୋଧ (service request) ଗୁଡ଼ିକର ସମାଧାନ ପଞ୍ଜୀକରଣର କେତେ ଦିନ ମଧ୍ୟରେ କରାଯାଇଛି ସେଗୁଡ଼ିକର ବିବରଣୀ କ'ଣ ?

ଗ) Sewerage/WATCO/PWD ସମ୍ବନ୍ଧୀୟ ୱାର୍ଡ଼ ଅନ୍ତର୍ଗତ ସମସ୍ୟା ଗୁଡ଼ିକ ୧୯୨୯ ଯୋଗେ ପଞ୍ଜୀକୃତ କରାଯାଉଛି କି ନାହିଁ, ଯଦି କରାଯାଉନାହିଁ ତେବେ ତା'ର କାରଣ କ'ଣ ?

ଉତ୍ତର-୨(୭). **କ) ଏପ୍ରିଲ ୧ ତାରିଖରୁ ମଇ ୧ ତାରିଖ ମଧ୍ୟରେ ୱାର୍ଡ ନମ୍ବର ୨୫ରେ ସମୁଦାୟ ୬୭ ଗୋଟି ସେବା ଅନୁରୋଧ ପଞ୍ଜିକୃତ ହୋଇଅଛି । ସେଗୁଡିକ ମଧ୍ୟରେ ABC ସଂପର୍କିତ ୫ଗୋଟି, ରାସ୍ତା ନିର୍ମାଣ ଓ ମରାମତି ସଂପର୍କିତ ୨ ଗୋଟି, ଗଛ ଡାଳ କାଟିବା ପାଇଁ ୧ ଗୋଟି, ଜବରଦଖଲ ସଂପର୍କିତ ୧ ଗୋଟି, ଟ୍ରେଡ୍ ଲାଇସେନ୍ସ ପାଇଁ ୧ ଗୋଟି, SWM ସଂପର୍କିତ ୧ ଗୋଟି, ଷ୍ଟ୍ରିଟ୍ ଲାଇଟ୍ ସଂପର୍କିତ ୫୪ ଗୋଟି, ଜଳବନ୍ଦୀ ସଂପର୍କିତ ଗୋଟିଏ ଏବଂ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ସେବା ଅନୁରୋଧ ରହିଅଛି ।**

(ଖ)ପଞ୍ଜିକୃତ ହୋଇଥିବା ସେବା ଅନୁରୋଧ ଗୁଡିକର ସମାଧାନର ବିବରଣୀ ପ୍ରଦାନ କରାଗଲା ।

**(ଗ)Sewage/Watco/PWD ସମ୍ବନ୍ଧୀୟ ୱାର୍ଡ ଅନ୍ତର୍ଗତ ସମସ୍ୟା ସଂପର୍କିତ ୧୯୨୯ କୁ ଆସୁଥିବା ସେବା ଅନୁରୋଧ ଗୁଡିକୁ ୱାଟକୋର 155359କୁ ଟ୍ରାସନ୍ସଫର କରିଦିଆଯାଉଅଛି । କାରଣ ୱାଟକୋର କର୍ମଚାରୀ ଏହି ନମ୍ବରରେ ଉପସ୍ଥିତ ରହୁଛନ୍ତି । ଅନ୍ୟ ବିଭାଗ ସଂପର୍କିତ ସେବା ଅନୁରୋଧ ପଞ୍ଜିକୃତ କରାଯାଉ ନାହିଁ ।**

ପ୍ରଶ୍ନ-୨(୮). କ) ମହାନଗର ନିଗମକୁ ଗତ ୨୦୧୪ ମସିହାରୁ ନିନ୍ଦିତ କରିଆସୁଥିବା ଇସ୍କନ ମନ୍ଦିର ସମ୍ମୁଖ ଜାତୀୟ ରାଜପଥ ୧୬ ର ଜଳବନ୍ଦୀ ସମସ୍ୟା, ୨୦୨୪ ମସିହାରୁ ନୂଆ ଡ଼ବଲ୍ ଇଞ୍ଜିନ୍ ସରକାର ଓଡ଼ିଶାରେ ଦାୟିତ୍ୱ ଗ୍ରହଣ ପରଠାରୁ କ'ଣ ପଦକ୍ଷେପ ନିଆଯାଇଛି ଜଣାଇବେ କି ?

ଖ) ନୂଆ ସରକାର ଗଠନର ଦୁଇ ବର୍ଷ ପୂର୍ତ୍ତି ହେଲେହେଁ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ କାହିଁକି ପ୍ରାରମ୍ଭ ହୋଇପାରିନାହିଁ ତାହାର ଉତର ରଖିବେ କି ?

ଗ) ଇସ୍କନ ମନ୍ଦିର ସମ୍ମୁଖ ଜାତୀୟ ରାଜପଥ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ସୃଷ୍ଟି SPV ର ଦାୟିତ୍ୱ ସାଉଥ୍-ଇଷ୍ଟ ଜୋନ୍ କୁ କାହିଁକି ସ୍ଥାନାନ୍ତରିତ ହେଲା ଜଣାଇବେ କି ?

ଉତ୍ତର-୨(୮). ଇସ୍କନ ମନ୍ଦିର ସମ୍ମୁଖ ଜାତୀୟ ରାଜପଥ-୧୬ ଠାରେ ପ୍ରସ୍ତାବିତ ମୁଖ୍ୟ ବର୍ଷାଜଳ ନିଷ୍କାସନ କାର୍ଯ୍ୟକୁ ପ୍ରଶାସନିକ ଅନୁମୋଦନ ମିଳିସାରିଛି । ଚଳିତ ସପ୍ତାହରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଧାର୍ଯ୍ୟ କରାଯାଇଅଛି ।

**ପ୍ରସ୍ତାବ-୩.** ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ:-

ନିର୍ଦ୍ଧାରଣ-୪(୧). ଗତ ତା ୨୦.୦୫.୨୦୨୬ ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୨୧.୦୫.୨୦୨୬ ରିଖ ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୨୦.୦୫.୨୦୨୬ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୧୯.୦୫.୨୦୨୬ ରିଖ ପ୍ଲାନିଂ ଆଣ୍ଡ୍ ଡ଼େଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୧୯.୦୫.୨୦୨୬ ରିଖ ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୨୧.୦୫.୨୦୨୬ ରିଖ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୨୫.୦୫.୨୦୨୬ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୨୦.୦୫.୨୦୨୬ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୧୯.୦୫.୨୦୨୬ ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦). ଗତ ତା ୧୮.୦୫.୨୦୨୬ ରିଖ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡ଼ିକ ସମ୍ପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ରୁଲ୍-୨୦୦୪ ର ନିୟମ ୦୩, ୦୪, ୦୫,୦୬, ୦୭, ୦୮,୧୦,୧୧ ଓ ୧୨ ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରସ୍ତାବ-୫. **ଭୁବନେଶ୍ୱର ମହାନଗର ନିଗମର ଏପ୍ରିଲ୍-୨୦୨୬ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ:-**

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

ପ୍ରସ୍ତାବ-୬. **ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:- (ତା ୨୬.୦୫.୨୦୨୬ ରିଖ)**

<u>ଶ୍ରୀ ଅପରୂପ ନାରାୟଣ ରାଉତ, ୱାର୍ଡ ନଂ-୨୯</u>

ପ୍ରସ୍ତାବ-୬(୧). ୱାର୍ଡ଼ ନଂ-୨୯ ଅନ୍ତର୍ଗତ OTC Tower ଠାରୁ Sanchi Hospital ପର୍ଯ୍ୟନ୍ତ ମୌଜା-ଭୋଇନଗର ଅନ୍ତର୍ଗତ ପ୍ଲଟ୍ ନଂ-୩୦୭ ଓ ୩୧୦, ଖାତା ନଂ-୨୯୭, ସାଧାରଣ ପ୍ରଶାସନ ବିଭାଗ, କିସମ-ଘରବାରି ଦୁଇ ଠାରୁ ପ୍ଲଟ୍ ନଂ-୩୧୧, ଖାତା ନଂ-୨୯୭, ସାଧାରଣ ପ୍ରଶାସନ ବିଭାଗ, କିସମ-ସଡ଼କ ପର୍ଯ୍ୟନ୍ତ

ରାସ୍ତା ବିସ୍ତାର ଓ ମୁଖ୍ୟ ବକ୍ସ ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ଡ୍ରେନେଜ୍ ଡିଭିଜନ୍, ବି.ଏମ୍.ସି ଦ୍ୱାରା ପ୍ରାଥମିକତାରେ ଗ୍ରହଣ କରିବା ପାଇଁ କର୍ପୋରେସନକୁ ଅନୁରୋଧ । ମୁଖ୍ୟ ଡ୍ରେନ୍ ନଂ-୪ କୁ ସଂଲଗ୍ନ ହୋଇଥିବା ସରକାରୀ ଜମିକୁ ଚିହ୍ନଟ କରି ଏହାର ଉପରେ କଲଭର୍ଟ ବ୍ୟବସ୍ଥା କରି ସରକାରୀ ଜମି ପ୍ରବେଶ ସୁବିଧା, ଡ଼ିମାର୍କେସନ୍, ବ୍ୟାରିକେଡ଼ିଂ ଏବଂ ସମସ୍ତ ଅବୈଧ ଅନୁପ୍ରବେଶ ଅପସାରଣ କରାଯାଉ । ଉକ୍ତ କାର୍ଯ୍ୟ ଗ୍ରହଣ ସମୟରେ ସରକାରୀ ଜମିର ସର୍ଭେ, ସୁରକ୍ଷା ଓ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ Peripheral Park Development, Plantation ଏବଂ ସୁରକ୍ଷାମୂଳକ ବ୍ୟାରିକେଡ଼ିଂ ବ୍ୟବସ୍ଥା କରାଯିବା ସମ୍ପର୍କରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୧). ବୈଠକରେ ପ୍ରସ୍ତାବକ ଉପସ୍ଥିତ ନଥିବାରୁ ଏହାକୁ ସ୍ଥଗିତ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ ନଂ-୫୫</u>

ପ୍ରସ୍ତାବ-୬(୨). ଚଳିତ ବର୍ଷ ଏପ୍ରିଲ୍ ମାସରୁ ରାଜ୍ୟ ସରକାର ଭୁବନେଶ୍ୱର ସହରର ଜମି ମୂଲ୍ୟ "Valuation Bench Mark" ଡ଼ବଲରୁ ଅଧିକା କରିଦେଲେ, ତାକୁ ଅନୁସରଣ କରି ବି.ଏମ୍.ସି ପ୍ଲାନିଙ୍ଗ୍ ଉପବିଭାଗ ୨ ମହଲାରୁ ଅଧିକ RCC Building ର Plan approval fees ପାଖାପାଖି ୪ ଗୁଣା ବଢ଼ାଇଦେଲେ । ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସହରରେ ନିଜର ଏକ କୋଠାଘର ତିଆରି କରିବା ମଧବିତ ପରିବାରର ସର୍ବୋଚ୍ଚ ସ୍ୱପ୍ନକୁ ପୂରଣ କରିବା ପାଇଁ ବିଭିନ୍ନ ପ୍ରକାରର ଆର୍ଥିକ ସହାୟତା ଯୋଗାଇଥାନ୍ତି । ସମ୍ପ୍ରତି ଦେଶ ଓ ରାଜ୍ୟର ଅର୍ଥନୀତି ଦୁର୍ବଳ ଥିବାବେଳେ Building Plan approval fees ଏତେ ମାତ୍ରାରେ ବୃଦ୍ଧି କରିବା ମଧବିତ ପରିବାର ଉପରେ ବୋଝ ଉପରେ ନଳିତାବିଡ଼ା ଭଳି ଅଟେ । ପ୍ରକାଶ ଥାଉକି, ଯେତିକି ଟଙ୍କା ବି.ଏମ୍.ସି ପ୍ଲାନ୍ ଆପ୍ରୁଭାଲ୍ ପାଇଁ ଖର୍ଚ୍ଚ କରୁଅଛି ସେହି ପଇସାରେ ଏକ 3 BHK Flat ଗଢ଼ା ହୋଇପାରିବ, ତା' ଛଡ଼ା ଏତେଗୁଡ଼ିଏ ପଇସା Planning fees ବାବଦରେ ଦେଇନପାରିବା ହେତୁ Building materials:- ବାଲି, ଗୋଡ଼ି, ସିମେଂଟ ଇତ୍ୟାଦି ବିକ୍ରି କମିବ । ଏଥିରେ ନିୟୋଜିତ ହେବାକୁ ଥିବା Engineer, skilled & un-skilled Massion & labour ମଧ ପ୍ରଭାବିତ ହେବେ । ଏଣୁ ମୋର ପ୍ରସ୍ତାବ ଏହିକି ଯେ, ଉପରୋକ୍ତ ଆର୍ଥିକ ବୋଝ ମଧବିତ ପରିବାରମାନଙ୍କ ଉପରୁ ହଟାଯାଉ ଯାହାକି ଲୋକଙ୍କ ସରକାରରେ ସମ୍ଭବ ହୋଇପାରିବ । ଏହି ବାବଦରେ ବିସ୍ତୃତ ଆଲୋଚନା କରି ରାଜ୍ୟ ସରକାରଙ୍କର ଅନୁମୋଦନ ଲୋଡ଼ିଲେ ରାଜ୍ୟବାସୀ ଉପକୃତ ହୁଅନ୍ତେ ।

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ଉପରେ ବିଚାର କରିବା ପାଇଁ ରାଜ୍ୟସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୩). ରାସ୍ତାଘାଟ, ବିଲଡ଼ିଙ୍ଗ୍‌ବାଡ଼ି ନିର୍ମାଣକୁ ନେଇ ଶହ ଶହ କୋଟିର ଟେଣ୍ଡର କରାଯାଇଛି, ଅନେକ ସମୟରେ ଦେଖାଯାଇଛି ଯେ, କଂଟ୍ରାକ୍ଟରମାନେ ବହୁଗୁଡ଼ିଏ କାମ କର୍ପୋରେସନରୁ ପାଇଲା ପରେ କୌଣସି କାମ ଚୁକ୍ତି ଅନୁଯାୟୀ ସଠିକ୍ ସମୟରେ ସମ୍ପୂର୍ଣ୍ଣ କରୁନାହାଁନ୍ତି । ଏଥିପାଇଁ OPWD Code ଅନୁଯାୟୀ ଅନେକ ଗୁଡ଼ିଏ ଦଣ୍ଡବିଧାନ ବ୍ୟବସ୍ଥା ବା ଅଧିକାର ଥାଇ ମଧ କର୍ପୋରେସନ ତାହାକୁ କାର୍ଯ୍ୟକାରୀ କରୁନାହାଁନ୍ତି ଯାହାଦ୍ୱାରା କର୍ପୋରେସନ ଅନେକ ଆର୍ଥିକ କ୍ଷତି ସହିବା ସହିତ ନେତାଙ୍କ ଆସ୍ଥା ମଧ ହରାଉଛି, ଯାହା କୌଣସିମତେ ୧% ମଧ ଗ୍ରହଣୀୟ ନୁହେଁ । ଉଦାହରଣସ୍ୱରୂପ "Regular repair & maintenance of roads in Ward No.-29,30,31,34 & 35" କାମଟିକୁ ପ୍ରଦୀପ୍ତ କୁମାର ସେଠୀ ନାମକ କଂଟ୍ରାକ୍ଟର ତା ୧୯.୦୮.୨୦୨୫ ରିଖ File No.-369/24, Agreement value Rs.63,78,907/- ରେ ଚୁକ୍ତିବଦ୍ଧ ହୋଇଥିଲେ ଯାହାକି ଆବଶ୍ୟକତା ଅନୁଯାୟୀ ବିଭିନ୍ନ ୱାର୍ଡ଼ରେ ରାସ୍ତାଘାଟ ତୁରନ୍ତ ମରାମତି କରି ଜନସାଧାରଣଙ୍କ ଯାତାୟତ ସୁବିଧାକୁ ବଳବତର ରଖିବା କଥା, କିନ୍ତୁ ଦୁର୍ଭାଗ୍ୟବଶତଃ ଚୁକ୍ତିନାମାର ୧୦ ମାସ ବିତିଯାଇଥିଲେ ମଧ ଉକ୍ତ ଏଜେନ୍ସିର ଦେଖା ଦର୍ଶନ ନାହିଁ । ଏ ବାବଦରେ Ward Asst. Engineer ଙ୍କୁ ଜଣାଇବା ପରେ ସେ ୨ ମାସ ତଳେ ଉକ୍ତ ଏଜେନ୍ସିକୁ ମୋ ୱାର୍ଡ଼କୁ ପଠାଇଥିଲେ, ମୁଁ ତାଙ୍କୁ ମୋ ୱାର୍ଡ଼ର ପ୍ରତ୍ୟେକ damage roads ବୁଲି ବୁଲି ଦେଖାଇଥିଲି, ସେ ମଧ ୨ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ କଥା ଦେଇ ଯାଇଥିଲେ । ଏ ବାବଦରେ ମୁଁ Div.-III, Executive Engineer & Asst. Executive Engineer ଙ୍କୁ ଲିଖିତ ଆକାରରେ Lr.04/23.04.26 & Lr.05/23.04.26 ଅବଗତ

କରାଇଥିଲି । କିନ୍ତୁ ଆଜି ପର୍ଯ୍ୟନ୍ତ ନା କାମ ଆରମ୍ଭ ହେଲା ନା ଉକ୍ତ ଏଜେନ୍ସି ଉପରେ କୌଣସି ପ୍ରକାରର ଆକ୍ସନ୍ ନିଆଗଲା । ଏହି ଅସୁବିଧା ବର୍ଷ ବର୍ଷ ଧରି ଅନେକ ୱାର୍ଡ଼ରେ କର୍ପୋରେସନ ସମ୍ମୁଖୀନ ହେଉଛି । ଏହା ଏକ ଦୂରାରୋଗ୍ୟ ବ୍ୟାଧି ରୂପେ ପରିଗଣିତ ହୋଇଛି, ଏଣୁ ଏହା ଉପରେ ଗଭୀର ଆଲୋଚନା ଓ କଠୋର ପଦକ୍ଷେପ ନେବାପାଇଁ ନିଷ୍ପତି ହେବା ଉଚିତ୍, ଆଲୋଚନା ବେଳେ ଏହାକୁ ମଧ ଦୃଷ୍ଟିରେ ରଖାଯାଉ ।

ନିର୍ଦ୍ଧାରଣ-୬(୩). ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ଠିକା ନେଇଥିବା ଠିକାଦାର କାର୍ଯ୍ୟ ସାତ ଦିନ ମଧରେ ସମ୍ପାଦନ ନକଲେ ତାଙ୍କର ଚୁକ୍ତିପତ୍ର ରଦ୍ଦ (Cancel) କରିବା ସହିତ ତାଙ୍କୁ କଳାତାଲିକାଭୁକ୍ତ (Black list) କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଆଶିଷ କୁମାର ପଟ୍ଟନାୟକ, ୱାର୍ଡ଼ ନଂ-୪୨</u>

ପ୍ରସ୍ତାବ-୬(୪). ମୋ ୱାର୍ଡ଼ରେ ଥିବା Federal Bank ପାର୍ଶ୍ୱରେ ଏକ ସରକାରୀ ଜାଗା ଯାହା Encroachment ଅଛି ତାକୁ eviction କରାଗଲେ ପ୍ରାୟତଃ ୧୦ ଗୋଟି ଭେଣ୍ଡିଂଜୋନ୍ ହୋଇପାରିବ ଏବଂ ମୋ ୱାର୍ଡ଼ରେ ଥିବା Electric office ପାଖରେ ଥିବା ଏକ ସରକାରୀ ଜମି ଯାହା ଉପରେ ଏକ ଫଳ ଗୋଦାମ ହୋଇଛି ତାକୁ ତୁରନ୍ତ eviction କରାଯାଉ ଏବଂ ସିନିୟର୍ ସିଟିଜେନ୍‌ଙ୍କ ପାଇଁ ଏକ ଗୃହ ନିର୍ମାଣ କରାଯାଉ ଯାହା ମୋର ୱାର୍ଡ଼ବାସୀଙ୍କର ଏକ ଗୁହାରି ଅଛି, ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୫). ମୋ ୱାର୍ଡ଼ରେ ଥିବା Ekamra Hotel ଠାରୁ Woodart ପର୍ଯ୍ୟନ୍ତ ସମ୍ମୁଖରେ ଥିବା ଜାଗାରେ ଭେଣ୍ଡିଂଜୋନ୍ ପାଇଁ ପର୍ଯ୍ୟାପ୍ତ ସରକାରୀ ଜାଗା ଅଛି ତାକୁ ଭେଣ୍ଡିଂଜୋନ୍ କରିବା ପାଇଁ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୫). ପ୍ରସ୍ତାବ ବର୍ଣ୍ଣିତ ଜମିର ସ୍ଥିତି ଯାଂଚ୍ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ମହାମାୟା ସ୍ୱାଇଁ, ୱାର୍ଡ଼ ନଂ-୫୩</u>

ପ୍ରସ୍ତାବ-୬(୬). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ଲିଙ୍ଗରାଜ ଲେପ୍ରସି କଲୋନୀରେ ଲେପ୍ରସି ହିସାବରେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର ହୋଇ ଗୃହ ନିର୍ମାଣ କରି ବଂଟନ କରାଯାଇଥିଲା । ପରିବାର ପିଛା ଦୁଇ, ତିନି ଗୋଟି ଘର ପାଇ ମଧ ସନ୍ତୁଷ୍ଟ ନୁହଁନ୍ତି । ଘର ପାଖରେ ସରକାରୀ ଜାଗାକୁ ମାଡ଼ିବସି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ କରିବାରେ ବାଧାପ୍ରାପ୍ତ କରୁଛନ୍ତି । ଏ ବିଷୟରେ ଜୋନ୍‌ରେ ଜଣାଇବା ପରେ ସାଇନ୍ ଟିମ୍ ଯାଇ ଉଚ୍ଛେଦ କରିବା ପାଇଁ ଚେଷ୍ଟା କରିଥିଲେ ମଧ ସେମାନଙ୍କ ଦୌରାତ୍ମ୍ୟ ବହୁତ ବଢ଼ିଥିଲା । ସେମାନେ ମେୟର, କର୍ପୋରେଟର, ବି.ଏମ୍.ସି ର ଅଧିକାରୀଙ୍କୁ ଅଶାଳୀନ ବ୍ୟବହାର କରିଥିଲେ ଯାହା ନିକଟସ୍ଥ ଥାନାରେ ମଧ ଅଭିଯୋଗ ଦାଖଲ କରାଯାଇଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ ସେ ଜାଗା ଖାଲି ହୋଇପାରିନଥିଲା ଏବଂ ସେ ଜାଗାରେ ଡ୍ରେନ୍ କାର୍ଯ୍ୟ ମଧ ଅଧାରେ ରହିଅଛି । ଏ ପର୍ଯ୍ୟନ୍ତ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରିନାହିଁ । ଏହା ବି.ଏମ୍.ସି ଏକ ନୈରାଶ୍ୟଜନକ କାର୍ଯ୍ୟ ରୂପେ ପରିଗଣିତ ହୋଇଛି । ଦୟାପୂର୍ବକ ଉଚିତମାନର ବ୍ୟବସ୍ଥା କରି ଉକ୍ତ ଜାଗାକୁ ଉଚ୍ଛେଦ କରିଲେ ଅଟକିଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରନ୍ତା । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

<u>ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ, ୱାର୍ଡ଼ ନଂ-୨୫</u>

ପ୍ରସ୍ତାବ-୬(୭). ୱାର୍ଡ଼ବାସୀଙ୍କ ସମସ୍ୟା ସମାଧାନ ପାଇଁ ୧୯୨୯ ର decentralised ବ୍ୟବସ୍ଥା:- ଯେପରିକି ସେବା ଅନୁରୋଧ (service request), ପଞ୍ଜୀକରଣ ଏବଂ ତା'ର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେବା ସହିତ

ବର୍ତ୍ତମାନ ବି.ଏମ୍.ସି ରେ କର୍ମଚାରୀ ନିଯୁକ୍ତି ସଙ୍କଟ ମଧ୍ୟରେ ୱାର୍ଡ଼ ଗୁଡ଼ିକରେ ନିଯୁକ୍ତ sanitation related ପ୍ରାୟ ୧୬/୨୦ ଜଣ support staff ଙ୍କ ମଧ୍ୟରୁ ସାନିଟେସନ୍ ସୁପରଭାଇଜର ଯାହାଙ୍କ qualification +3 ରହିଛି, ତାଙ୍କୁ ଉକ୍ତ ଦାୟିତ୍ୱ ନ୍ୟସ୍ତ ପାଇଁ କର୍ପୋରେସନଙ୍କ ଆଲୋଚନା ଏବଂ ବିଚାର :-

ନିର୍ଦ୍ଧାରଣ-୬(୭). ଏ ପ୍ରସ୍ତାବ ଉପରେ ତର୍ଜମା କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀମତୀ ସୁଚିତ୍ରା ପାତ୍ର, ୱାର୍ଡ଼ ନଂ-୪୮

ପ୍ରସ୍ତାବ-୬(୮). ବି.ଏମ୍.ସି ଟେଣ୍ଡରରେ ଚଳିତ ବର୍ଷ ସର୍ବାଧିକ ୩୦% ରୁ ଆରମ୍ଭ କରି ୪୬% ଲେସ୍‌ରେ ଏଜେନ୍ସିମାନେ କାମ ନେଉଛନ୍ତି । ଏହି କାମର ମାନ ଯାଂଚ୍ କରିବା ନିମନ୍ତେ ବି.ଏମ୍.ସି ତରଫରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉ ।

ନିର୍ଦ୍ଧାରଣ-୬(୮). ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସ୍ମାରକ ପତ୍ର ନଂ-୦୭୭୬୪୬୦୦୦୨୨୦୨୫-୧୭୩-1(VI) ତା ୩୦.୦୧.୨୦୨୬ ରିଖ ଅନୁଯାୟୀ ସମ୍ପୃକ୍ତ ଠିକାଦାର abnormally low bids ସମ୍ପର୍କରେ ସଠିକ୍ Justification ନଦେଲେ ତାଙ୍କର ନିବିଦା ରଦ୍ଦ କରାଯିବ ଏବଂ ତାଙ୍କୁ ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରେ ଭାଗ ନେବାପାଇଁ ଏକ ବର୍ଷ ପର୍ଯ୍ୟନ୍ତ ବଂଚିତ (Debar from BMC Tender from one year) କରାଯିବ ଏବଂ ଉକ୍ତ କାର୍ଯ୍ୟ ଗୁଡ଼ିକୁ ଯାଂଚ୍ କରିବା ପାଇଁ ଏକ କମିଟି ଗଠନ କରାଯିବ, କମିଟିଙ୍କ ମତାମତ ଓ ସୋସିଆଲ୍ ଅଡ଼ିଟ୍ ମତାମତ ପରେ ବିଲ୍ ପଇଠ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀମତୀ ଛବି ଦାଶ, ୱାର୍ଡ଼ ନଂ-୬୬

ପ୍ରସ୍ତାବ-୬(୯). ୱାର୍ଡ଼ ନଂ-୬୬ ଅନ୍ତର୍ଗତ ରଣସିଂହପୁର ମୌଜାରେ ଥିବା ସରକାରୀ ନୟନଜୁରି/ ପ୍ରାକୃତିକ ନାଳା ଏହି ଅଂଚଳର, ବିଶେଷତଃ ଏମ୍ସ ଓ ପାର୍ଶ୍ୱବର୍ତୀୟ ଅଂଚଳର ମୁଖ୍ୟ ବର୍ଷାଜଳ ପ୍ରବାହ ବହନ କରୁଛି । ପ୍ରଭାବଶାଳୀ ଲୋକଙ୍କ ଅନୁପ୍ରବେଶ ହେତୁ ଏହାକୁ ଲ୍ୟାଣ୍ଡ ଉପବିଭାଗ ମାଧ୍ୟମରେ GA Department କୁ ତତ୍କାଳ ୭ ଦିନ ମଧ୍ୟରେ ଡ଼ିମାର୍କେସନ୍ ପାଇଁ ପ୍ରସ୍ତାବ ପ୍ରେରଣ କରାଯିବା ପାଇଁ ଜୋନାଲ୍ ଡ଼େପୁଟି କମିଶନର, ସାଉଥ୍-ୱେଷ୍ଟଙ୍କୁ ନିର୍ଦ୍ଦେଶ ଦେବା ପାଇଁ କର୍ପୋରେସନକୁ ଅନୁରୋଧ ।

ନିର୍ଦ୍ଧାରଣ-୬(୯). ଏ ପ୍ରସ୍ତାବ ଉପରେ ଉପ ଆୟୁକ୍ତ (ଭୂମି) ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ଶ୍ରୀଧର ବେହେରା, ୱାର୍ଡ଼ ନଂ-୫୨

ପ୍ରସ୍ତାବ-୬(୧୦). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୫୨ ଭୀମପୁର ଠାରେ ସ୍ପ୍ରିଙ୍ଗ୍ ଟ୍ୟାଙ୍କ୍ ପଛ ପାର୍ଶ୍ୱରେ ଥିବା ମୁଖ୍ୟ ନାଳ ନଂ-୭ ର ଉଦ୍ଧାରିକରଣ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ସମୟରେ ବିଭିନ୍ନ କାରଣ ଯଥା:-୧) ବାରମ୍ବାର ଡ଼ିଜାଇନ୍‌ରେ ପରିବର୍ତ୍ତନ ୨) ବାରମ୍ବାର ମୁଖ୍ୟ ନାଳର ଦିଗ ପରିବର୍ତ୍ତନ ୩) ପ୍ରଥମେ ସରକାରୀ ଜାଗାରେ ଥିବା ଜବରଦଖଲ ଉଚ୍ଛେଦ ଏବଂ ଜାଗା ଅଧିଗ୍ରହଣ ଏବଂ ବିଭିନ୍ନ ପର୍ଯ୍ୟାୟରେ ବେସରକାରୀ ଏବଂ ଦେବୋତର ବିଭାଗର ଜାଗା ଅଧିଗ୍ରହଣ ୪) ଲେକ୍‌ମ୍ୟାନ୍ ଆନନ୍ଦ ମାଲିଗାଭାଦ୍ ଏବଂ WRU ଅଧିକାରୀ କେ. ଚେରିସ୍ ଙ୍କ ପର୍ଯ୍ୟାୟ କ୍ରମେ ବାରମ୍ବାର ପରିଦର୍ଶନ ଏବଂ ମାର୍ଗ ଦର୍ଶନ ଅନୁଯାୟୀ ମୁଖ୍ୟ ପ୍ରକଳ୍ପର ବାରମ୍ବାର ଡ଼ିଜାଇନ୍ ଏବଂ ଡ୍ରଇଁରେ ପରିବର୍ତ୍ତନ ଦ୍ୱାରା କେତେ ଅର୍ଥ ବ୍ୟୟ ହୋଇଛି ? ମେୟର ଏବଂ କମିଶନରଙ୍କ ଦ୍ୱାରା ଜଣେ ଅତିରିକ୍ତ କମିଶନର ଉଭୟ Civil ଏବଂ ଡ୍ରେନେଜ୍ ଡ଼ିଭିଜନ୍ ର Executive Engineer ଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଉକ୍ତ କମିଟି ଦ୍ୱାରା ଏହାର ରିପୋର୍ଟ ପ୍ରସ୍ତୁତ କରି WRU ଏବଂ H & UD କୁ ଏହି ଅର୍ଥ ଅନୁମୋଦନ ଏବଂ ପ୍ରଦାନ ପାଇଁ ପଠାଇବା ନିମନ୍ତେ ପ୍ରସ୍ତାବ ।

ନିର୍ଦ୍ଧାରଣ-୬(୧୦). ଏ ପ୍ରସ୍ତାବ ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ନଗର ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ (ଖଣ୍ଡ-୨), ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)- I, ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)-୨, କର୍ପୋରେଟର ଶ୍ରୀ ନୃପେଶ କୁମାର ନାୟକ ଓ ଶ୍ରୀ ଦୀପକ କୁମାର ମିଶ୍ରଙ୍କୁ ନେଇ ଏକ କମିଟି ଗଠନ କରାଯିବ । ଉକ୍ତ କମିଟି ୧୫ ଦିନ ମଧ୍ୟରେ ତଥ୍ୟ (Report) ଦେବେ, କମିଟିର ମତାମତ (Report) ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭. ତା ୨୬.୦୫.୨୦୨୬ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ:-

ପ୍ରସ୍ତାବ-୭(୧). ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଚିଠି ନଂ-୭୮୮୦ ତା ୧୨.୦୩.୨୦୨୬ ରିଖରେ ଜଣାଇଛନ୍ତି ଯେ, Unified Revenue Collection (URC) ଯୋଜନା ଅନୁଯାୟୀ ପୌରସଂସ୍ଥା ମାନଙ୍କର ଗତ ବର୍ଷ ଆୟ ତୁଳନାରେ ଚଳିତ ବର୍ଷ ୧୦.୫୪% ବୃଦ୍ଧିର ଆବଶ୍ୟକତା ଥିବାରୁ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟ କରୁଥିବା ଜଳସାଥି/ ସ୍ୱଚ୍ଛସାଥି ମାନଙ୍କ ଦ୍ୱାରା ଗୃହ ଟିକସ ସହିତ ଜଳ ଓ ସ୍ୱେରେଜ୍ ୟୁଜର୍ ଚାର୍ଜ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଅଛି, ତେଣୁ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟ କରୁଥିବା ସ୍ୱଚ୍ଛସାଥି ମାନଙ୍କ ଦ୍ୱାରା QR Code ମାଧ୍ୟମରେ ଗୃହ ଟିକସ ଆଦାୟ କରିବା ଏବଂ ସେମାନଙ୍କୁ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପ୍ରୋତ୍ସାହନ (Incentive) ପ୍ରଦାନ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟି ବୈଠକ ନିର୍ଦ୍ଧାରଣ ସଂଖ୍ୟା-୧(୪) ତା ୧୭.୦୩.୨୦୨୬ ରିଖରେ ମେୟରଙ୍କୁ ସୁପାରିଶ କରିଥିଲେ । ନଥି ନଂ- XXXV-36/2026 ଟିପ୍ପଣୀ-୧୭ ରୁ ୨୨ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମାଂଚଳରେ କାର୍ଯ୍ୟ କରୁଥିବା ଜଳସାଥି ମାନଙ୍କ ଦ୍ୱାରା QR Code ମାଧ୍ୟମରେ ଗୃହ ଟିକସ ଆଦାୟ କରିବା ଏବଂ ସେମାନଙ୍କୁ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପ୍ରୋତ୍ସାହନ (Incentive) ପ୍ରଦାନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୧). ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ସ୍ୱଚ୍ଛସାଥି ଓ ଜଳସାଥି ମାନଙ୍କ ସହିତ ଏକ ମିଟିଙ୍ଗ୍ କରି ଆଲୋଚନା କରିବା ପରେ ଏ ପ୍ରସ୍ତାବ ଉପରେ ପରବର୍ତ୍ତୀ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ "Constn. of Community Centre at Stage-1, Jharpada in Ward No.-32" କାର୍ଯ୍ୟ ପାଇଁ ଟ ୩,୧୯,୭୩,୦୦୦/-ଙ୍କା ଅଟକଳ ଅନୁମୋଦନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ- XXIX-Div.-III-63/2026

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୬୪୯୦-1(c) ତା ୧୯.୦୭.୨୦୨୫ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୩). ଭୁବନେଶ୍ୱର ମହାନଗର ନିଗମ (BMC) ଦ୍ୱାରା ବର୍ତ୍ତମାନ ବିଭିନ୍ନ **Material Recovery Facility (MRF)** ଗୁଡ଼ିକୁ **Self Help Group (SHG)** ମାନଙ୍କ ସହଭାଗିତା ଏବଂ ବିଭାଗୀୟ ତତ୍ତ୍ୱାବଧାନରେ ପରିଚାଳନା କରାଯାଉଛି । ଏହି ପ୍ରଣାଳୀ ଛୋଟ କ୍ଷମତାର MRF ପାଇଁ ସଫଳ ହୋଇଥିଲେ ମଧ୍ୟ ପ୍ରସ୍ତାବିତ 150 TPD କ୍ଷମତାସମ୍ପନ୍ନ Semi-Automated MRF ର ପରିଚାଳନା ପାଇଁ ଉଚ୍ଚ ପ୍ରାୟୋଗିକ ଦକ୍ଷତା, ନିୟମିତ ନିରୀକ୍ଷଣ, ଉନ୍ନତ ଯନ୍ତ୍ରପାତି ପରିଚାଳନା ଏବଂ ସୁଚାରୁ ଲଜିଷ୍ଟିକ୍ସ ବ୍ୟବସ୍ଥା ଆବଶ୍ୟକ ହେବାରୁ ବର୍ତ୍ତମାନ ବ୍ୟବସ୍ଥା ଦୀର୍ଘମିଆଦି ପାଇଁ ଉପଯୁକ୍ତ ମନେ ହେଉନାହିଁ ।

BMC Wealth Centre ଗୁଡ଼ିକର କାର୍ଯ୍ୟାନୁଭବ ଅନୁସାରେ Dry Waste ରୁ କେବଳ ପ୍ରାୟ 15% ରୁ 20% ପର୍ଯ୍ୟନ୍ତ Recyclable Material ମିଳୁଥିବାବେଳେ ଅବଶିଷ୍ଟ 80% ରୁ 85% ବର୍ଜ୍ୟବସ୍ତୁ Refuse Derived Fuel (RDF) ରେ ପରିଣତ ହେଉଛି । ବର୍ତ୍ତମାନ ଏହି RDF କୁ Rajgangpur, Jharsuguda ଏବଂ Chhattisgarh ସ୍ଥିତ Cement Plant ଗୁଡ଼ିକୁ Co-processing ପାଇଁ ପରିବହନ କରାଯାଉଛି ।

Cement Industry ମାନଙ୍କ ପାଖରେ RDF କୁ Alternative Fuel ଭାବେ ବ୍ୟବହାର କରିବା ପାଇଁ ଆବଶ୍ୟକ ପ୍ରାୟୋଗିକ ସୁବିଧା ଏବଂ ଭିତ୍ତିଭୂମି ଉପଲବ୍ଧ ଥିବାରୁ RDF ର ପରିବେଶ ଅନୁକୂଳ, ବୈଜ୍ଞାନିକ ଏବଂ ନିୟମାନୁସାରେ ବ୍ୟବସ୍ଥାପନ ସୁନିଶ୍ଚିତ ହେଉଛି । ଏହା ଦ୍ୱାରା Circular Economy କୁ ମଧ୍ୟ ପ୍ରୋତ୍ସାହନ ମିଳୁଛି ।

ଉପରୋକ୍ତ ପରିପ୍ରେକ୍ଷୀରେ ପ୍ରସ୍ତାବିତ **150 TPD MRF** ର ସୁଚାରୁ, ପେଶାଦାରୀ ଏବଂ ପରିବେଶ ଅନୁକୂଳ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଖୋଲା ପ୍ରତିଯୋଗିତାମୂଳକ ନିବିଦା **(Open Competitive Bidding)** ମାଧ୍ୟମରେ **Monthly Royalty** ଆଧାରରେ ଏକ ଅଭିଜ୍ଞ ଏବଂ ସକ୍ଷମ ସଂସ୍ଥାକୁ **Operation & Maintenance (O&M)** ପାଇଁ ନିଯୁକ୍ତ କରିବା ପ୍ରସ୍ତାବ କରାଯାଉଛି ।

ପ୍ରସ୍ତାବର ମୁଖ୍ୟ ବିଶେଷତା :

1. Scope of Work : Operation & Maintenance, Waste Processing, RDF Management ଓ Statutory Compliance ।
2. Contract Period : 03 (ତିନି) ବର୍ଷ ।
3. Selection Method : Highest Monthly Royalty (H1 Basis) ଆଧାରରେ ସଂସ୍ଥା ଚୟନ ।
4. Revenue Model: BMC ଉପରେ କୌଣସି ଆର୍ଥିକ ଭାର ପଡିବ ନାହିଁ ଏବଂ Royalty ମାଧ୍ୟମରେ ରାଜସ୍ୱ ଆଦାୟ ହେବ ।
5. Monitoring Mechanism: ନିର୍ଦ୍ଧାରିତ Performance Standard, Monitoring Framework ଓ Penalty Provision ମାଧ୍ୟମରେ କାର୍ଯ୍ୟର ନିୟମିତ ନିରୀକ୍ଷଣ ଓ ଦାୟିତ୍ୱବୋଧ ସୁନିଶ୍ଚିତ କରାଯିବ ।

ଏହାର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXXX-II-SBAC-96/2026 ଟିପ୍ପଣୀ ପୃଷ୍ଠା-1 ରୁ 8 ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । ପ୍ରକାଶ ଥାଉକି, ସର୍ବୋଚ୍ଚ ଦରଦାତା (H-1)ଙ୍କର Performance ପ୍ରତି ତିନି ମାସରେ ଯାଂଚ୍ କରାଯାଇ ରିପୋର୍ଟକୁ ଭିତିକରି ପରବର୍ତ୍ତୀ ପଦକ୍ଷେପ ନିଆଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୪). ଆଂଚଳିକ ଭବିଷ୍ୟତ ପାଣ୍ଠି କମିଶନର-II, ଭୁବନେଶ୍ୱରଙ୍କ ପତ୍ରସଂଖ୍ୟା-PF/PD/OR/0012115/2025-26/2476 ତା ୨୭.୦୩.୨୦୨୬ ରିଖ ଅନୁଯାୟୀ ଭବିଷ୍ୟନିଧି ପାଣ୍ଠି, ପେନସନ୍ ପାଣ୍ଠି ଏବଂ ବୀମା ପାଣ୍ଠି ଅବଦାନ ଏବଂ ପ୍ରଶାସନିକ ଶୁଳ୍କ ପଠାଇବାରେ ବିଳମ୍ବ ବାବଦକୁ ଟ ୨,୪୪,୧୨୦/-ଙ୍କା (ଦୁଇ ଲକ୍ଷ ଚଉରାଳିଶି ହଜାର ଏକ ଶହ କୋଡ଼ିଏ) (ଜୁନ୍-୨୦୦୫ ଠାରୁ ଜୁନ୍-୨୦୨୫ ପର୍ଯ୍ୟନ୍ତ) ଭାଉଚର ନଂ-୩୪୩ ତା ୦୨.୦୫.୨୦୨୬ ରିଖରେ ପଇଠ କରାଯାଇଅଛି । ଏହାର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ-BMC-CPF-PAY-0010-2025 ଟିପ୍ପଣୀ ପୃଷ୍ଠା-୧୧ ରୁ ୨୬ ମଧ୍ୟରେ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୫). ପ୍ରବାସୀ ଭାରତୀୟ ଦିବସ-୨୦୨୫ ଅବସରରେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣ ଓ ପରିବେଶ ଉନ୍ନତି ନିମନ୍ତେ OFDC ଦ୍ୱାରା ୧୫ ଟି ସ୍ଥାନରେ ଲ୍ୟାଣ୍ଡସ୍କେପିଙ୍ଗ୍, ବୃକ୍ଷରୋପଣ, ଉଦ୍ୟାନ ବିକାଶ ଏବଂ ଆନୁଷଙ୍ଗିକ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଉକ୍ତ କାର୍ଯ୍ୟ ଗୁଡ଼ିକର ଉନ୍ନୟନ ଓ ରକ୍ଷଣାବେକ୍ଷଣ ବାବଦରେ OFDC ପକ୍ଷରୁ ସମୁଦାୟ ଟ୨୭,୬୮,୮୩୩/-ଙ୍କା (ସତାଇଶ ଲକ୍ଷ ଅଡ଼ଷଠି ହଜାର ଆଠ ଶହ ତେତିଶ ଟଙ୍କା) ମାତ୍ର ର ବିଲ୍ ଦାଖଲ କରାଯାଇଅଛି । ଏହି ପରିପ୍ରେକ୍ଷୀରେ OFDC ଦ୍ୱାରା ସମ୍ପାଦିତ କାର୍ଯ୍ୟ ଏବଂ ଦାଖଲ ହୋଇଥିବା ବିଲ୍ ର ଯାଂଚ୍‌ତୋର ଅନୁମୋଦନ ସହିତ ଟ ୨୭,୬୮,୮୩୩/-ଙ୍କା ର ଦେୟ ଅର୍ଥ ପ୍ରଦାନ କରିବା ନିମନ୍ତେ କର୍ପୋରେସନଙ୍କ ବିଚାର:-
ନଥି ନଂ-XXXX-III-ENV.-32/2025

ନିର୍ଦ୍ଧାରଣ-୭(୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୬). ଭୁବନେଶ୍ୱର ମହାନଗର ନିଗମର ୟୁନିଟ୍-୪ ଠାରେ ପିପିପି ମୋଡ୍‌ରେ ନିର୍ମିତ ହୋଇଥିବା ବି.ଏମ୍.ସି-ପଂଚଦ୍ୱୀପ ମାର୍କେଟ୍ କମ୍ପ୍ଲେକ୍ସରେ ଖାଲି ରହୁଥିବା ଦୋକାନ ଗୃହ ଗୁଡ଼ିକ ପୂର୍ବରୁ ସ୍ଥିରୀକୃତ ହୋଇଥିବା ଭଡ଼ାରେ e-auction କରାଯାଉଥିଲେ ମଧ୍ୟ ଅଧିକାଂଶ ଦୋକାନ ଗୃହ ଗୁଡ଼ିକ ଅଦ୍ୟାବଧି ଖାଲି ରହୁଅଛି । ଗତ କର୍ପୋରେସନ ତା ୧୮.୦୪.୨୦୨୬ ରିଖରେ ସିଦ୍ଧାନ୍ତ ଅନୁଯାୟୀ ଏହାର ଭଡ଼ାକୁ ନିମ୍ନମତେ ସ୍ଥିରୀକୃତ କରିବା ପାଇଁ ପ୍ରସ୍ତାବ:-

| | ପୂର୍ବରୁ ସ୍ଥିରକୃତ ଭଡ଼ା | ବର୍ତ୍ତମାନ ନୂତନ ଭଡ଼ା |
|---|---|---|
| ତଳ ମହଲା- | ୫୫/-per Sq. ft. | ୪୦/-per Sq. ft. |

| | | |
|---|---|---|
| ପ୍ରଥମ ମହଲା- | ୫୦/-per Sq. ft. | ୩୦/-per Sq. ft. |
| ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲା- | ୪୫/-per Sq. ft. | ୨୦/-per Sq. ft. |
| ବେସମେଂଟ ଫ୍ଲୋର-<br>(Go-down purpose) | ୨୦/-per Sq. ft. | ୧୫/-per Sq. ft. |

ପୂର୍ବରୁ ପ୍ରତିବର୍ଷ ୫% ଭଡ଼ା ବଢିବା ପାଇଁ ନିଷ୍ପତି ଥିବାରୁ ଏଣିକି ଏହା ପ୍ରତିଦିନ ତିନି (୩) ବର୍ଷରେ ୧୦% ଭଡ଼ା ସମସ୍ତଙ୍କ ପାଇଁ (ପୂର୍ବରୁ ଯେଉଁମାନେ ଦୋକାନ ଘର ନେଇସାରିଛନ୍ତି) ବୃଦ୍ଧି କରିବା ସହିତ ଏଣିକି ସିକୁରିଟି ରାଶି ବାବଦରେ ଏକ ବର୍ଷର ଭଡ଼ା ଦାଖଲ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଚର :- ନଥି ନଂ-XXXVIII-(Market)-48/2024

ନିର୍ଦ୍ଧାରଣ-୭(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୭). ମେସର୍ସ ସୈନିକ ଇଂଟେଲିଜେନ୍ସ ସିକ୍ୟୁରିଟି ଆଣ୍ଡ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଠାରୁ ଆଉଟ୍‌ସୋର୍ସିଂ ଆଧାରରେ ଭୁବନେଶ୍ୱର ମହାନଗର ନିଗମର ଯୋଜନା ଉପବିଭାଗରେ ନିୟୋଜିତ ୩ (ତିନି) ଜଣ ଯୋଜନା ସହାୟକ ଏବଂ ଜଣେ ଅମିନଙ୍କ ଚୁକ୍ତିନାମା ଅବଧି ବୃଦ୍ଧି କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୧୭) ତା ୨୫.୦୨.୨୦୨୬ ରିଖ ଅନୁଯାୟୀ ଉପରୋକ୍ତ ସଂସ୍ଥା ମାଧମରେ ମାନଦଣ୍ଡିଭ ଜାରି ରଖିବା ପାଇଁ ତା ୩୦.୦୪.୨୦୨୬ ରିଖ ପର୍ଯ୍ୟନ୍ତ ଅନୁମୋଦନ ହୋଇଥିଲା । ନଥି ନଂ- BMC-PLAN-PLAN-0014-2025 ଟିପ୍ପଣୀ-୪୨ ରୁ ୪୯ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ୩ (ତିନି) ଜଣ ଯୋଜନା ସହାୟକ ଏବଂ ଜଣେ ଅମିନଙ୍କ କାର୍ଯ୍ୟକାଳ ଉପରୋକ୍ତ ସଂସ୍ଥା ମାଧମରେ ଚୁକ୍ତିନାମାକୁ ୩୧ ମଇ ୨୦୨୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଚର :-

ନିର୍ଦ୍ଧାରଣ-୭(୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୮). ଆଉଟ୍‌ସୋର୍ସିଂ ଜରିଆରେ ଡ୍ରେନେଜ୍ ଡ଼ିଭିଜନ୍‌ରେ ଏକ TSU ଟିମ୍ ୨୦୧୯ ମସିହାରୁ ଗଠନ କରାଯାଇଥିଲା । ଏଥିରେ ଦୁଇ ଜଣ ଏମ୍.ଟି.ଏ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ୍‌ଙ୍କ ଦ୍ୱାରା ପ୍ରସ୍ତାବିତ ଏବଂ ନଗର ଯନ୍ତ୍ରୀଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଅନୁସାରେ GA ଏବଂ PG ବିଭାଗର ରିଜୋଲ୍ୟୁସନ୍ ନଂ-୭୯୮୨ ତା ୦୭.୦୩.୨୦୨୪ ରିଖ ଏବଂ ୮୩୬୫ ତା ୧୨.୦୩.୨୦୨୪ ରିଖ ସହିତ FD ଚିଠି ନଂ-୩୦୭୨୨/F ତା ୦୬.୧୧.୨୦୨୧ ରିଖ ଅନୁଯାୟୀ ପ୍ରଭାତ କୁମାର ବିଶ୍ୱାଳ ଏବଂ ପି. ସସ୍ମିତା ରାଓଙ୍କ ପରିବର୍ତ୍ତିତ ପାରିଶ୍ରମିକ ହାର ମାସିକ ଟ ୧୬,୬୦୦/-ଙ୍କା ପାଇବାକୁ ଯୋଗ୍ୟ ହେଉଛନ୍ତି । ନଥି ନଂ-XXXXXV-(D)-99/2019 (part) ଟିପ୍ପଣୀ-୬୯ ରୁ ୮୪ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ପ୍ରଭାତ କୁମାର ବିଶ୍ୱାଳ ଓ ପି. ସସ୍ମିତା ରାଓଙ୍କୁ ସଂଶୋଧିତ ପାରିଶ୍ରମିକ ଉପରୋକ୍ତ ରିଜୋଲ୍ୟୁସନ୍ ଅନୁସାରେ ତା ୦୧.୦୨.୨୦୨୪ ରିଖ ଠାରୁ ପ୍ରଦାନ କରାଯିବା ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଚର :-

ନିର୍ଦ୍ଧାରଣ-୭(୮). ଏ ପ୍ରସ୍ତାବ ପରବର୍ତୀ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୯). ଭୁବନେଶ୍ୱର ମହାନଗର ନିଗମ ଅଧିନରେ କାର୍ଯ୍ୟରତ ୨୩ ଜଣ ଚୁକ୍ତିଭିତିକ ଗୋଷ୍ଠୀ ସଙ୍ଗଠିକା ଓଡ଼ିଶା ରାଜ୍ୟ ସରକାରଙ୍କ District Urban Development Agency (DUDA) ସଂସ୍ଥାର ଆଦେଶ ମୁତାବକ ୨୦୧୦ ମସିହା ଠାରୁ ପର୍ଯ୍ୟାୟ କ୍ରମେ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟ କରିଆସୁଅଛନ୍ତି । ଉକ୍ତ ଚୁକ୍ତିଭିତିକ ଗୋଷ୍ଠୀ ସଙ୍ଗଠିକା ମାନଙ୍କର କାର୍ଯ୍ୟକାଳ ତା ୨୮.୦୨.୨୦୨୬ ରିଖରେ ସମାପ୍ତ ହୋଇଅଛି । ଏ ସମ୍ବନ୍ଧରେ ତିନି ଆଂଚଳିକ ଉପ ଆୟୁକ୍ତ ଅଧିକାରୀମାନେ ୨୩ ଜଣଙ୍କର କାର୍ଯ୍ୟ ସନ୍ତୋଷଜନକ ବୋଲି ତାଙ୍କ ଚିଠି ସଂଖ୍ୟା-୧୭୩୩ ତା ୧୯.୦୩.୨୦୨୬ ରିଖ, ଚିଠି ସଂଖ୍ୟା-୨୫୬୫ ତା ୨୧.୦୪.୨୦୨୬ ରିଖ ଏବଂ ଚିଠି ସଂଖ୍ୟା-୩୯୯୬ ତା ୧୮.୦୪.୨୦୨୬ ରିଖରେ ସୁପାରିଶ

କରିଅଛନ୍ତି । ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କର ଗୃହ ଓ ନଗର ଉନ୍ନୟନ ବିଭାଗର ପତ୍ରସଂଖ୍ୟା-୫୭୦୬/HUD ତା ୨୬.୦୨.୨୦୧୮ ରିଖରେ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରିବା ଆୟୁକ୍ତ (Commissioner) ଙ୍କ ଉପରେ ନ୍ୟସ୍ତ କରିଛନ୍ତି ।

ମଣ୍ଡଳ ଉପ ଆୟୁକ୍ତଙ୍କ ସୁପାରିଶ ଏବଂ ରାଜ୍ୟ ସରକାରଙ୍କ ପତ୍ରକୁ ଭିତିକରି ମାନନୀୟା ମେୟରଙ୍କ ଅନୁମୋଦନ କ୍ରମେ ୨୩ ଜଣ ଚୁକ୍ତିଭିତିକ ଗୋଷ୍ଠୀ ସଙ୍ଗଠିକା ମାନଙ୍କର କାର୍ଯ୍ୟକାଳ ପରବର୍ତୀ ୧ ବର୍ଷ ତା ୦୧.୦୩.୨୦୨୬ ରିଖ ଠାରୁ ତା ୨୮.୦୨.୨୦୨୭ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ କର୍ପୋରେସନଙ୍କ ବିଗ୍ଭର :- ନଥି ନଂ- XXXXVI-8/2026

ନିର୍ଦ୍ଧାରଣ-୭(୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୦). ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ନିମ୍ନୋକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଭର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Internal drainage of Dharma Vihar Colony Khandagiri in Ward No.-63<br>File No.-XXXXXV-(D)-19/2025 | Rs.1,99,99,283/- | Rs.2,05,97,261/- | Pyari Mohan Pattnaik | 2.99 |
| 2. | Repair & Improvement to road from Behera Sahi Chowk to NH-16 in Ward No.-37<br>File No.-XXIX-Div.-II-213/2023 | Rs.2,45,91,558/- | Rs.2,55,50,629/- | Sandip Ku. Padhi | 3.90 |

ନିର୍ଦ୍ଧାରଣ-୭(୧୦).ପ୍ରସ୍ତାବ ବର୍ଣ୍ଣିତ ଦୁଇ ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(c) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୧). Construction of Pavered Road and Drain in Ward No.-05 (Ph-1) କାର୍ଯ୍ୟଟିର ୭୫ ଭାଗ କାର୍ଯ୍ୟ ସମ୍ପାଦନ କରିଥିବା ଠିକାଦାର ଶ୍ରୀ ପ୍ରତାପ କୁମାର ଉଦୟ ସିଂ ଙ୍କର ବାକିଥିବା ବିଲ୍‌କୁ ପ୍ରଦାନ କରାଯିବା ନିମନ୍ତେ କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ନିର୍ଦ୍ଧାରଣ ସଂଖ୍ୟା-୯ ତା ୨୯.୧୦.୨୦୨୫ ରିଖରେ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ଓ୍ୱାର୍ଡ଼ର ଯନ୍ତ୍ରୀ 2nd & Final Bill ପ୍ରସ୍ତୁତ କରିବା ସମୟରେ କେତେକ Item, modification ଆଦି ପରିବର୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜ୍‌ଡ଼ି ଅଟକଳ ପ୍ରସ୍ତୁତ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଭର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜ୍‌ଡ଼ି ଅଟକଳ |
|---|---|---|---|
| 1. | Construction of Pavered Road and Drain in Ward No.-05 (Ph-1)<br>File No.-XXIX-Div.-I-1489/2023 | Rs.3,95.71,649/- | Rs.1,51,94,901/- |

ନିର୍ଦ୍ଧାରଣ-୭(୧୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୨). ତୃତୀୟ ମହଲା ସ୍ଥିତ କ୍ୟାଂଟିନ୍ ଲାଗି ଜେମ୍ ମାଧ୍ୟମରେ ଟେଣ୍ଡର ନମ୍ବର-GeM/Bid No.-GeM/Bid No.-GEM/2026/B/7511082 ରେ ଆହ୍ୱାନ କରାଯାଇଥିଲା । ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୨ (ଦୁଇ) ଗୋଟି ସଂସ୍ଥା ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ M/s JN Sharma ଯୋଗ୍ୟ ବିବେଚିତ ହୋଇଥିଲେ । ଉକ୍ତ ସଂସ୍ଥା କେବଳ CAM ଚାର୍ଜ, ବିଦ୍ୟୁତ୍ ଓ ପାଣି ବାବଦୀୟ ଖର୍ଚ୍ଚ ପଇଠ କରିବେ । ଅନ୍ୟ କୌଣସି ଦେୟ ଆଦାୟ କରାଯିବ ନାହିଁ । ଏ ସମ୍ପର୍କରେ କର୍ପୋରେସନଙ୍କ ବିଗ୍ଭର :- ନଥି ନଂ-XXXIV-GS-61/26

ନିର୍ଦ୍ଧାରଣ-୭(୧୨). ପ୍ରସ୍ତାବ ବର୍ଣ୍ଣିତ ସଂସ୍ଥାଙ୍କୁ ୧ (ଏକ) ବର୍ଷ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ଓ ତାଙ୍କର performance କୁ ଦେଖି ପରବର୍ତୀ ପଦକ୍ଷେପ ନିଆଯିବ ଏବଂ ନିୟମ ମୁତାବକ ଉକ୍ତ ଗୃହର ଫ୍ଲୋର୍ ରେଂଟ୍ ସ୍ମାର୍ଟସିଟି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୧୩).ପୂର୍ବରୁ ଅନୁମୋଦିତ ନିଷ୍ପତ୍ତି ଅନୁଯାୟୀ ବାୟୋ ମାଇନିଂ ସାଇଟ୍ ଅଞ୍ଚଳର ସୌନ୍ଦର୍ଯ୍ୟବର୍ଦ୍ଧନ, ପରିବେଶ ସୁରକ୍ଷା, ହରିତାୟନ ବୃଦ୍ଧି ଏବଂ ପରିବେଶୀୟ ସନ୍ତୁଳନ ରକ୍ଷା ଉଦ୍ଦେଶ୍ୟରେ ମିୟାୱାକି ପ୍ଲାଣ୍ଟେସନ ଓ ବ୍ଲକ ପ୍ଲାଣ୍ଟେସନ କାର୍ଯ୍ୟ ଗ୍ରହଣ କରିବା ପାଇଁ ସ୍ଥିର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସମୁଦାୟ ଅନୁମୋଦିତ ବ୍ୟୟ ରାଶି ଟଙ୍କା ୧,୫୪,୫୯,୭୬୩/-ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଧାରଣ ହୋଇଛି।ଏହା ସହିତ, ଉକ୍ତ କାର୍ଯ୍ୟକୁ ଓଡ଼ିଶା ଫରେଷ୍ଟ ଡେଭେଲପମେଣ୍ଟ କର୍ପୋରେସନ (OFDC) ଦ୍ୱାରା କାର୍ଯ୍ୟନିର୍ବାହ କରାଇବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। OFDC ଙ୍କର ହରିତାୟନ, ପ୍ଲାଣ୍ଟେସନ ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ପ୍ରଚୁର ଅନୁଭବ ଓ ପ୍ରାୟୋଗିକ କୌଶଳ ଥିବାରୁ ସଂସ୍ଥା ଦ୍ୱାରା କାର୍ଯ୍ୟ ସଫଳତାର ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପାଦନ ହେବ ବୋଲି ଆଶା କରାଯାଉଛି। ମିୟାୱାକି ପ୍ଲାଣ୍ଟେସନ ପଦ୍ଧତି ଅନୁଯାୟୀ ସ୍ଥାନୀୟ ପ୍ରଜାତିର ଘନ ଓ ଦ୍ରୁତ ବୃଦ୍ଧିଶୀଳ ଚାରାରୋପଣ କରାଯିବା ସହିତ ଅଞ୍ଚଳର ପରିବେଶୀୟ ଉନ୍ନତି, କାର୍ବନ ଶୋଷଣ କ୍ଷମତା ବୃଦ୍ଧି ଏବଂ ସବୁଜ ପରିବେଶ ସୃଷ୍ଟି ହେବ। ସେହିପରି ବ୍ଲକ ପ୍ଲାଣ୍ଟେସନ ମାଧ୍ୟମରେ ଖାଲି ଜମିର ସଦ୍ବ୍ୟବହାର, ମାଟି କ୍ଷୟ ନିୟନ୍ତ୍ରଣ ଏବଂ ଦୀର୍ଘକାଳୀନ ପରିବେଶ ସୁରକ୍ଷା ସୁନିଶ୍ଚିତ ହେବ।ଏହି କାର୍ଯ୍ୟ ଅନ୍ତର୍ଗତ ଜମି ପ୍ରସ୍ତୁତି, ଗଡ଼ଖୋଦା, ଚାରା ରୋପଣ, ଜୀବାଶ୍ମ ସାର ପ୍ରୟୋଗ, ପାଣି ସେଚନ, ବାଡ଼ ନିର୍ମାଣ, ନିୟମିତ ରକ୍ଷଣାବେକ୍ଷଣ ଓ ଚାରାର ସୁରକ୍ଷା ଆଦି ସମସ୍ତ କାର୍ଯ୍ୟ OFDC ଦ୍ୱାରା ଅନୁମୋଦିତ ଆନୁମାନିକ ବ୍ୟୟ ମଧ୍ୟରେ କରାଯିବ।

ଏହି ପରିପ୍ରେକ୍ଷୀରେ OFDC ଦ୍ୱାରା ମିୟାୱାକି ପ୍ଲାଣ୍ଟେସନ ଓ ବ୍ଲକ ପ୍ଲାଣ୍ଟେସନ କାର୍ଯ୍ୟକୁ ଟ ୧,୫୪,୫୯,୭୬୩/- ର ଅନୁମୋଦିତ ବ୍ୟୟ ମଧ୍ୟରେ କାର୍ଯ୍ୟନିର୍ବାହ କରାଇବା ପାଇଁ ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXX-III-Env.-09/2026

ନିର୍ଦ୍ଧାରଣ-୭(୧୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୪).ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ସମସ୍ତ ପାର୍କଗୁଡିକ ସହରର ପରିବେଶ ସୁରକ୍ଷା, ସୌନ୍ଦର୍ଯ୍ୟ ବୃଦ୍ଧି ଓ ନାଗରିକମାନଙ୍କ ମନୋରଞ୍ଜନ ଓ ସ୍ୱାସ୍ଥ୍ୟକର ପରିବେଶ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସୁଛି। ଏହି ପାର୍କଗୁଡିକର ସଠିକ ରକ୍ଷଣାବେକ୍ଷଣ, ପରିଚ୍ଛନ୍ନତା, ଉଦ୍ୟାନ ପରିଚର୍ଯ୍ୟା, ଘାସ କଟିବା, ଗଛପଲାର ଯତ୍ନ, ପାଣି ଯୋଗାଣ, ବିଦ୍ୟୁତ ବ୍ୟବସ୍ଥା ଓ ସାଧାରଣ ଜନସୁବିଧା ସୁନିଶ୍ଚିତ କରିବା ଅତ୍ୟାବଶ୍ୟକ।ଏହି ପରିପ୍ରେକ୍ଷୀରେ, ସମସ୍ତ ପାର୍କର ନିୟମିତ ଓ ଫଳପ୍ରଦ ରକ୍ଷଣାବେକ୍ଷଣ କାର୍ଯ୍ୟ ସୁଚାରୁ ଭାବେ ସମ୍ପାଦନ ପାଇଁ ଉପଯୁକ୍ତ ଏବଂ ଅଭିଜ୍ଞ ସଂସ୍ଥା/ଏଜେନ୍ସି ମାଧ୍ୟମରେ କାର୍ଯ୍ୟ ନିର୍ବାହ କରାଯିବା ପ୍ରସ୍ତାବିତ ହେଉଛି। ସଂସ୍ଥା ଚୟନ ପ୍ରକ୍ରିୟା ନିୟମାନୁସାରେ ନିବିଦା ମାଧ୍ୟମରେ କରାଯାଇପାରିବ। ଏହା ଦ୍ୱାରା ପାର୍କଗୁଡିକର ସୁନ୍ଦରୀକରଣ, ସଫାସୁଥା, ସବୁଜ ପରିବେଶର ସୁରକ୍ଷା ଓ ସାଧାରଣ ଲୋକଙ୍କ ପାଇଁ ଉତ୍ତମ ସୁବିଧା ସୁନିଶ୍ଚିତ ହେବ।ଏହେତୁ, ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ସମସ୍ତ ପାର୍କର ରକ୍ଷଣାବେକ୍ଷଣ କାର୍ଯ୍ୟ ଉପଯୁକ୍ତ ସଂସ୍ଥା/ଏଜେନ୍ସି ମାଧ୍ୟମରେ କରାଇବା ପାଇଁ ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXX-III-Env.-46/2024

ନିର୍ଦ୍ଧାରଣ-୭(୧୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ସମ୍ପୃକ୍ତ ସଂସ୍ଥା ଏସ୍.ଏଚ୍.ଜି ମହିଳା ମାନଙ୍କୁ କାର୍ଯ୍ୟରେ ନିୟୋଜନ କରିବାରେ ପ୍ରାଥମିକତା ଦେବେ ।

ପ୍ରସ୍ତାବ-୭(୧୫).ଭୁବନେଶ୍ୱର ମହାନଗର ନିଗମ ସାଧାରଣ ବୈଠକର ନିର୍ଦ୍ଧାରଣ ସଂଖ୍ୟା-୭(୧୩) ତା ୧୮.୦୪.୨୦୨୬ ରିଖରେ ଏ ପ୍ରସ୍ତାବକୁ ପୁନଶ୍ଚ ତର୍ଜମା କରାଯାଇ ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରିବା ପାଇଁ ନିଷ୍ପତି ହୋଇଥିଲା । ତଦ୍ ଅନୁଯାୟୀ ନିମ୍ନବର୍ଣ୍ଣିତ ମତେ ପୁନଃବାର ବିଚାର କରିବା ନିମନ୍ତେ ଉପସ୍ଥାପନ କରାଯାଇଅଛି ।

| Proposed Zone Name | Comprises the following wards | Total Nos. |
|---|---|---|
| North Zone-1 | 1,2,3,4,5,6,9,10,11,12,17 and 18 | 12 Nos. |
| North Zone-2 | 7,8,13,14,15,16,20,21,22,25,26 and 27 | 12 Nos. |
| South East Zone-1 | 19,30,31,32,33,34,41,42 and 43 | 09 Nos. |
| South East Zone-2 | 28,29,35,36,37,38,39,40,46 and 47 | 10 Nos. |
| South West Zone-1 | 44,45,53,54,55,56,57,58,59,60,61 and 67 | 12 Nos. |
| South West Zone-2 | 23,24,48,49,50,51,52,62,63,64,65 and 66 | 12 Nos. |
| | Total= | 67 Nos. |

ଉକ୍ତ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ -XIV-(Land)-160/22

ନିର୍ଦ୍ଧାରଣ-୭(୧୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୬). ଭୁବନେଶ୍ୱର ମହାନଗର ନିଗମାଂଚଳ ସୈନିକ ସ୍କୁଲ୍ ନିକଟସ୍ଥ ଟି.ଟି.ଏସ୍ ଠାରେ ଅବସ୍ଥିତ Bulk Waste Processing Facility ରେ ବର୍ତ୍ତମାନ ପ୍ରତିଦିନ ପ୍ରାୟ ୨୦୦ ମେଟ୍ରିକ୍ ଟନ୍ Surplus wet waste, ୧୦୦ ମେଟ୍ରିକ୍ ଟନ୍ mixed waste ଓ ବିଭିନ୍ନ ଏମ୍.ଆର୍.ଏଫ୍ ରୁ ଆସୁଥିବା RDF ସମେତ ପ୍ରାୟ ୪୦୦ ମେଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁର scientific processing ଓ management କାର୍ଯ୍ୟ କରାଯାଉଅଛି । ଏହି facility ର ସୁଚାରୁ ପରିଚାଳନା ବି.ଏମ୍.ସି ର Zero-landfil model କୁ ସ୍ଥାୟୀ ରଖିବା ପାଇଁ ଅତ୍ୟନ୍ତ ଜରୁରୀ ।

ବର୍ତ୍ତମାନ ଉକ୍ତ କାର୍ଯ୍ୟ ବି.ଏମ୍.ସି ଦ୍ୱାରା departmental basis ରେ ପରିଚାଳିତ ହେଉଥିବା ବେଳେ ବୃଦ୍ଧିଶୀଳ operational complexity, heavy machinery deployment, environmental management, transportation, skilled manpower ଓ continuous maintenance ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଅଭିଜ୍ଞ ଓ ଦକ୍ଷ ଏଜେନ୍ସି ନିଯୁକ୍ତି ଆବଶ୍ୟକ ବୋଲି ଅନୁଭୂତ ହେଉଅଛି । ଏଣୁ ସୈନିକ ସ୍କୁଲ୍ ନିକଟସ୍ଥ Temporary Transit Station (TTS) ଭୁବନେଶ୍ୱର ଠାରେ Bulk Waste Processing Facility ର comprehensive Operation & Management ନିମନ୍ତେ ଯୋଗ୍ୟ ଓ ଅଭିଜ୍ଞ ଏଜେନ୍ସି ଚୟନ ପାଇଁ Request for proposal (RFP) ଆହ୍ୱାନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ- XXXXX-II-SBAC/124/2026 ଟିପ୍ପଣୀ ପୃଷ୍ଠା-୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୭). ଓଡ଼ିଶା ସରକାରଙ୍କ H&UD ବିଭାଗ ଦ୍ୱାରା ତା ୧୮.୦୨.୨୦୨୦ ରିଖରେ ଜାରି ହୋଇଥିବା SOP ଚିଠି ସଂଖ୍ୟା-୧୯୭୦୦/HUD ଅନୁଯାୟୀ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସହରରେ ବିକେନ୍ଦ୍ରୀକରଣ ବର୍ଜ୍ୟବସ୍ତୁ ପରିଚାଳନାର ସଠିକ୍ କାର୍ଯ୍ୟାନ୍ୱୟନ ଏବଂ ସୁଗମ କାର୍ଯ୍ୟାନ୍ୱୟନ ପାଇଁ ବି.ଏମ୍.ସି.ର ପ୍ରତ୍ୟେକ ୬୭ ଟି ୱାର୍ଡ଼ରେ ସ୍ୱଚ୍ଛ ସୁପରଭାଇଜର ମାନଙ୍କ ନିଯୋଜିତ କରାଯାଇଥିଲା । ଏହି ସ୍ୱଚ୍ଛ ସୁପରଭାଇଜର ମାନଙ୍କ ନିଯୁକ୍ତି ପାଇଁ ZDC ସ୍ତରରେ ସମ୍ପୃକ୍ତ ZDC ଏବଂ NGO ଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର ସମ୍ପାଦିତ ହୋଇଥିଲା ଯାହାର ସମୟସୀମା ତା ୧୯.୦୨.୨୦୨୬ ରିଖରେ ଶେଷ ହୋଇଥିଲା । ଇତି ମଧ୍ୟରେ ଓଡ଼ିଶା ସରକାରଙ୍କ H&UD ବିଭାଗ SOP 3.0 ପୌର କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପତ୍ରସଂଖ୍ୟା-୨୨୩୪/HUD ତା ୧୯.୧୦.୨୦୨୪ ରିଖରେ ଜାରି କରିଛନ୍ତି ଏବଂ ଏହି SOP ଅନୁଯାୟୀ ନଗର କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ସ୍ୱଚ୍ଛସାଥି, ସ୍ୱଚ୍ଛ ସୁପରଭାଇଜର (ଏବେ ଠାରୁ ପ୍ଲାଂଟ୍ ମ୍ୟାନେଜର, ଏମ୍.ସି.ସି/ ପ୍ଲାଂଟ୍ ମ୍ୟାନେଜର, ଏମ୍.ଆର୍.ଏଫ୍ ଭାବରେ ଜଣାଶୁଣା ରହିବେ) ଏବଂ ସ୍ୱଚ୍ଛକର୍ମୀ ଭାବରେ ସାମିଲ ଏସ୍.ଏଚ୍.ଜି/ଟ୍ରାନ୍ସଜେଣ୍ଡର ଗୋଷ୍ଠୀ (TG) ଏବଂ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ଗୋଷ୍ଠୀ (WPG) ର ସଦସ୍ୟମାନେ ହୋଇଥିବେ । ଆହୁରି ମଧ SOP ରେ କୁହାଯାଇଛି ଯେ, ସମ୍ପୂର୍ଣ୍ଣ ବିକେନ୍ଦ୍ରୀକୃତ ପରିମଳ ମୂଲ୍ୟ ଶୃଙ୍ଖଳରେ, ପରିମଳ ସେବାପାଇଁ ସମ୍ପ୍ରଦାୟ ସଂଯୋଗ ସୁନିଶ୍ଚିତ କରିବା ପାଇଁ ସ୍ୱଚ୍ଛସାଥି ଏବଂ ପ୍ଲାଂଟ୍ ପରିଚାଳକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଆଧାରରେ ସମସ୍ତ ୬୭ ଟି ୱାର୍ଡ଼ରେ (ପ୍ରତି ୱାର୍ଡ଼ରେ ଜଣେ) ସ୍ୱଚ୍ଛ ସୁପରଭାଇଜର-କମ୍-ପ୍ଲାଂଟ୍ ପରିଚାଳକଙ୍କ ଚୟନ ଏବଂ ନିଯୋଜନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଆରମ୍ଭ କରିବା ପାଇଁ ପତ୍ରସଂଖ୍ୟା-୬୭୩୯୮ ତା ୩୧.୧୨.୨୦୨୫ ରିଖ ମାଧ୍ୟମରେ ଡ଼େପୁଟି କମିଶନର (ୱେଲଫେୟାର୍), ବି.ଏମ୍.ସି ଙ୍କୁ ଜଣାଯାଇଥିଲା । ପୁନଃବାର Competent Authority, BMC ଙ୍କ ଅନୁମୋଦନ ଏବଂ ନିର୍ଦ୍ଦେଶ କ୍ରମେ ଅତିରିକ୍ତ କମିଶନର-III ଙ୍କ ଅଧ୍ୟକ୍ଷତାରେ ୬୭ ଟି ସ୍ୱଚ୍ଛ ସୁପରଭାଇଜର-କମ୍-ପ୍ଲାଂଟ୍ ମ୍ୟାନେଜରଙ୍କୁ ଆଉଟସୋର୍ସିଂ ଆଧାରରେ କାର୍ଯ୍ୟପଦ୍ଧତି, ନିଯୁକ୍ତି ଏବଂ ନିଯୋଜନ ପାଇଁ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୨୫୫୬୪ ତା ୦୫.୦୫.୨୦୨୬ ରିଖ କ୍ରମେ କମିଟି ଗଠନ କରାଯାଇଥିଲା । କମିଟି ବୈଠକ ତା ୦୫.୦୫.୨୦୨୬ ରିଖରେ ନିର୍ଦ୍ଧାରିତ ସମୟ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ତା ୧୯.୦୨.୨୦୨୬ ରିଖ ଠାରୁ ଦୁଇ ବର୍ଷ ପାଇଁ M/s Bhubaneswar Solid Waste Management SHG ଦ୍ୱାରା ୬୭ ଟି ସ୍ୱଚ୍ଛ ସୁପରଭାଇଜର-କମ୍-ପ୍ଲାଂଟ୍ ମ୍ୟାନେଜରଙ୍କୁ ଆଉଟସୋର୍ସିଂ ଆଧାରରେ ବିନା ଦେୟରେ ନିଯୋଜିତ ଏବଂ ନିଯୋଜନ (ସନ୍ତୋଷଜନକ କାର୍ଯ୍ୟ ଦକ୍ଷତା ଏବଂ ଏମ୍‌ଓୟୁ ର ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଉପରେ ନିର୍ଭର କରି ଆଉ ଏକ ବର୍ଷ ପାଇଁ ବଢ଼ାଯାଇପାରିବ) । ଏହାର ଅନୁମୋଦନ ସହିତ ରାଜ୍ୟ ସରକାରଙ୍କ ଅବଗତି ନିମନ୍ତେ ପଠାଇବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ- XXXXX-II-SBAC/997/2020 ଟିପ୍ପଣୀ ପୃଷ୍ଠା-୧୩ ରୁ ୧୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ଏବଂ ଏହା ରାଜ୍ୟ ସରକାରଙ୍କ ଅବଗତି ନିମନ୍ତେ ପ୍ରେରଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୧୮). ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ବି.ଏମ୍.ସି ହସ୍ପିଟାଲ୍ ଏବଂ ସଂଲଗ୍ନ ଡିସ୍‌ପେନ୍‌ସାରୀ ଗୁଡ଼ିକରେ ଚୁକ୍ତିଭିତିକ ଭାବେ ପାରାମେଡ଼ିକାଲ୍ ପେଶାଦାର ଯୋଗାଣ ପାଇଁ ଏଜେନ୍ସି ଚୟନ ସମ୍ବନ୍ଧୀୟ RFP No.-4508 ତା ୨୭.୦୧.୨୦୨୬ ରିଖ ଅନୁଯାୟୀ ନିବିଦା ପ୍ରକ୍ରିୟା କରାଯାଇଥିଲା । ପରବର୍ତୀ କାଳରେ Corrigendum-I, Corrigendum-II ଏବଂ Notification ଜାରି କରାଯାଇ ନିର୍ଦ୍ଧାରିତ ସମୟରେ ଟେକ୍ନିକାଲ୍ ବିଡ୍ ଖୋଲାଯାଇଥିଲା । ମୋଟ ୧୧ ଗୋଟି ସଂସ୍ଥା ନିବିଦା ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ । ଟେକ୍ନିକାଲ୍ ଯାଂଚ୍ ପରେ M/s Octavo Solutions Pvt. Ltd. ଆବଶ୍ୟକ ଅଭିଜ୍ଞତା ମାନଦଣ୍ଡ ପୂରଣ କରିନଥିବାରୁ ଅଯୋଗ୍ୟ ଘୋଷିତ ହୋଇଥିଲା ଏବଂ ଅନ୍ୟ ୧୦ ଗୋଟି ସଂସ୍ଥାକୁ ଟେକ୍ନିକାଲ୍ ଭାବେ ଯୋଗ୍ୟ ମନୋନୀତ କରାଯାଇଥିଲା । ପରେ ଟେକ୍ନିକାଲ୍ ପ୍ରେଜେଂଟେସନ୍ ଆଧାରରେ ୬ ଗୋଟି ସଂସ୍ଥା ଆର୍ଥିକ ନିବିଦା ପାଇଁ ଯୋଗ୍ୟ ଘୋଷିତ ହୋଇ ତା ୨୪.୦୩.୨୦୨୬ ରିଖରେ ଆର୍ଥିକ ନିବିଦା ଖୋଲାଯାଇ QCBS ପ୍ରଣାଳୀ ଅନୁଯାୟୀ ସମିକ୍ଷ ମୂଲ୍ୟାୟନ କରାଯାଇଥିଲା । ମୂଲ୍ୟାୟନରେ M/s L & K Services Pvt. Ltd. ଏବଂ M/s G. Manju Services Pvt. Ltd. ସମାନ ସର୍ବାଧିକ ମାର୍କସ୍ ପ୍ରାପ୍ତ କରିଥିବାରୁ ଲଟେରୀ ପ୍ରକ୍ରିୟା ଆୟୋଜନ କରାଯାଇଥିଲା । ଲଟେରୀ ପ୍ରକ୍ରିୟାରେ M/s L & K Services Pvt. Ltd. କୁ preferred Bidder ଭାବେ ଚୟନ କରାଯାଇଛି । ନଥି ନଂ- XXXXX-II-SBAC-21/2026 ଟିପ୍ପଣୀ ପୃଷ୍ଠା-୯ ରୁ ୧୦ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ M/s L & K Services Pvt. Ltd. ଙ୍କ ଦର ଗ୍ରହଣ/ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୧୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୯).**ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ବିଏମସି ହସ୍ପିଟାଲରେ ଦୀର୍ଘକାଳୀନ ଏବଂ ଜୀବନ-ସୀମିତ ରୋଗରେ ପୀଡିତ ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ "ସାପ୍ତାହିକ ପାଲିଆଟିଭ କେୟାର ଆଉଟ ପେସେଣ୍ଟ ବିଭାଗ (OPD) କନସଲଟେସନ କ୍ଲିନିକ" ସ୍ଥାପନ ପାଇଁ ଭୁବନେଶ୍ୱର ମହାନଗର ନିଗମ ଏବଂ କରୁଣାଶ୍ରୟ (Karunasraya) ମଧ୍ୟରେ ଏକ ସମଝୌତା ଚୁକ୍ତି (Agreement/MoU) ସ୍ୱାକ୍ଷର କରିବା ପ୍ରସ୍ତାବ ରହିଛି।ଏହି ପାଲିଆଟିଭ କେୟାର କ୍ଲିନିକ ମାଧ୍ୟମରେ କ୍ୟାନ୍ସର, ଦୀର୍ଘକାଳୀନ ଅସାଧ ରୋଗ, ବୃଦ୍ଧାବସ୍ଥାଜନିତ ଜଟିଳ ରୋଗ ଏବଂ ଜୀବନ-ସୀମିତ ରୋଗରେ ପୀଡିତ ରୋଗୀମାନଙ୍କୁ ଆବଶ୍ୟକ ପାଲିଆଟିଭ ସେବା ପ୍ରଦାନ କରାଯିବ। ଏହି ସେବାରେ ରୋଗୀ ଚିହ୍ନଟ (Patient Screening), ବେଦନା ନିୟନ୍ତ୍ରଣ ଓ ପରିଚାଳନା (Pain Management), ମାନସିକ ଓ ସାମାଜିକ ପରାମର୍ଶ (Psychosocial Support), ରୋଗୀ ଓ ପରିବାର ସଦସ୍ୟଙ୍କୁ ପରାମର୍ଶ ଓ ସହଯୋଗ ଇତ୍ୟାଦି ସେବା ସାମିଲ ରହିବ। ଉକ୍ତ କ୍ଲିନିକଟି ସପ୍ତାହରେ ଗୋଟିଏ ଦିନ ବିଏମସି ହସ୍ପିଟାଲ ପ୍ରାଙ୍ଗଣରେ ପରିଚାଳିତ ହେବ ଏବଂ କରୁଣାଶ୍ରୟ ପକ୍ଷରୁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର, ପାଲିଆଟିଭ କେୟାର ପ୍ରଶିକ୍ଷିତ କର୍ମଚାରୀ ଏବଂ ପରାମର୍ଶଦାତାମାନେ ସେବା ପ୍ରଦାନ କରିବେ। ବିଏମସି ହସ୍ପିଟାଲ ପକ୍ଷରୁ ଆବଶ୍ୟକ ସ୍ଥାନ, OPD ସୁବିଧା ଏବଂ ସମନ୍ୱୟ ସହଯୋଗ ଯୋଗାଇ ଦିଆଯିବ।ଏହି ପଦକ୍ଷେପ ମାଧ୍ୟମରେ ଗୁରୁତର ରୋଗରେ ପୀଡିତ ରୋଗୀମାନେ ଗୁଣାତ୍ମକ ଓ ସହାନୁଭୂତିମୂଳକ ସ୍ୱାସ୍ଥ୍ୟସେବା ପାଇପାରିବେ ଏବଂ ତାଙ୍କର ଜୀବନମାନର ଉନ୍ନତି ହେବ। ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମ ଏବଂ କରୁଣାଶ୍ରୟ ମଧ୍ୟରେ ଉକ୍ତ କାର୍ଯ୍ୟ ପାଇଁ ସମଝୌତା ଚୁକ୍ତି ସ୍ୱାକ୍ଷର** ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ- XXXXX-II-SBAC-151/2025 ଟିପ୍ପଣୀ ପୃଷ୍ଠା-୬ ରୁ ୧୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୦). ବର୍ଷାଋତୁ ଆଗମନ ସହିତ ମଶା ଜନିତ ରୋଗ ଯଥା-ଡ଼େଙ୍ଗୁ, ମ୍ୟାଲେରିଆ, ଚିକନଗୁନିଆ ଇତ୍ୟାଦିର ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ରହିଥାଏ । ଜନସ୍ୱାସ୍ଥ୍ୟ ସୁରକ୍ଷା ଓ ରୋଗ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସହରର ବିଭିନ୍ନ ୱାର୍ଡ଼, ବସ୍ତି ଅଂଚଳ, ଡ୍ରେନ୍ ଏବଂ ସମ୍ବେଦନଶୀଳ ସ୍ଥାନ ଗୁଡ଼ିକରେ ନିୟମିତ ଫଗିଙ୍ଗ୍ କାର୍ଯ୍ୟକ୍ରମ ଗ୍ରହଣ କରିବା ଅତ୍ୟାବଶ୍ୟକ । ବର୍ତମାନ ଉପଲବ୍ଧ ଜନଶକ୍ତି ଦ୍ୱାରା ସମଗ୍ର ସହରରେ ବ୍ୟାପକ ଭାବେ ଫଗିଙ୍ଗ୍ କାର୍ଯ୍ୟ ସଫଳତାର ସହ ନିଷ୍ପାଦନ କରିବା କଷ୍ଟସାଧ ହେଉଥିବାରୁ ବର୍ଷାଋତୁ ପୂର୍ବ ପ୍ରସ୍ତୁତି ସ୍ୱରୂପ ଅସ୍ଥାୟୀ ଭିତିରେ ୭୦ (ସତୁରୀ) ଜଣ ମାନବ ସମ୍ପଦ ଏବଂ ୧୫ (ପନ୍ଦର) ଜଣ ଡ୍ରାଇଭର ନିଯୁକ୍ତି କରିବା ଆବଶ୍ୟକ ହେଉଅଛି । ଉକ୍ତ ଜନଶକ୍ତି ନିଯୁକ୍ତ ହେଲେ ଫଗିଙ୍ଗ୍ ମେସିନ୍ ଚାଳନା, ଯାନବାହନ ପରିଚାଳନା ଏବଂ ବିଭିନ୍ନ ୱାର୍ଡ଼ରେ ନିୟମିତ ଓ ପ୍ରଭାବଶାଳୀ ଫଗିଙ୍ଗ୍ କାର୍ଯ୍ୟକ୍ରମ ସଂଚାଳନ କରିବା ସମ୍ଭବ ହେବ, ଯାହାଦ୍ୱାରା ମଶାଜନିତ ରୋଗ ନିୟନ୍ତ୍ରଣରେ ସହାୟକ ହେବ । ବର୍ଷାଋତୁ ପୂର୍ବ ପ୍ରସ୍ତୁତି ନିମନ୍ତେ ଫଗିଙ୍ଗ୍ କାର୍ଯ୍ୟ ପାଇଁ ୭୦ ଜଣ ମାନବ ସମ୍ପଦ ଏବଂ ୧୫ ଜଣ ଡ୍ରାଇଭରଙ୍କ ନିଯୁକ୍ତି ସମ୍ପର୍କରେ କର୍ପୋରେସନଙ୍କ ବିଚାର :- ନଥି ନଂ-V. con. (CHO)-5/2024

ନିର୍ଦ୍ଧାରଣ-୭(୨୦). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୧).ଭୁବନେଶ୍ୱର ମହାନଗର ନିଗମରେ M/s Sheranwali Infrastructure Pvt. Ltd. ମାଧ୍ୟମରେ ପରିଛନ୍ନତା, ନଗରୀୟ ଆବର୍ଜନା ପରିବହନ ତଥା ନିଗମର ବିଭିନ୍ନ ଉନ୍ନୟନମୂଳକ ଓ ଜନହିତକାରୀ କାର୍ଯ୍ୟର ସୁଚାରୁ ସମ୍ପାଦନ ନିମନ୍ତେ Tractor ନିଯୁକ୍ତ କରାଯାଇ ଆସୁଅଛି। ଉକ୍ତ Tractor ଗୁଡିକ ପ୍ରାଥମିକ ଭାବେ Sanitation Section ଦ୍ୱାରା garbage lifting, ନଗରୀୟ ପରିଛନ୍ନତା ଏବଂ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ, ଆବଶ୍ୟକତାନୁସାରେ ନିଗମର ଅନ୍ୟାନ୍ୟ ବିଭାଗ ଦ୍ୱାରା ମଧ୍ୟ ବ୍ୟବହୃତ ହୋଇଆସୁଅଛି।

ଯଦ୍ୟପି ମୂଳ ଚୁକ୍ତିପତ୍ରରେ Tractor ନିଯୁକ୍ତି ସମ୍ବନ୍ଧୀୟ ସ୍ୱତନ୍ତ୍ର ବ୍ୟବସ୍ଥା ସଂଲଗ୍ନ ନଥିଲା, ତଥାପି ତା 28.02.2025 ରିଖରେ ସମ୍ପାଦିତ Addendum Agreement ମାଧ୍ୟମରେ ଏହାକୁ ବୈଧତା ପ୍ରଦାନ କରାଯାଇଥିଲା। ତଦନୁସାରେ ସମୟୋପଯୋଗୀ କାର୍ଯ୍ୟାଳୟ ଆଦେଶ ଆଧାରରେ ସରକାର ନିର୍ଦ୍ଧାରିତ ଦରରେ Tractor ନିଯୁକ୍ତି କାର୍ଯ୍ୟ ସମ୍ପାଦିତ ହୋଇଆସୁଥିଲା।

ସମ୍ପୃକ୍ତ Utilizing Officers ଙ୍କ ରିପୋର୍ଟ, ପ୍ରମାଣିତ Logbook ଏବଂ GPS ତଥ୍ୟର ଯାଞ୍ଚରୁ ପ୍ରତୀୟମାନ ହୋଇଛି ଯେ, ପ୍ରଶାସନିକ ଆବଶ୍ୟକତା ତଥା ନଗର ସେବା ସମ୍ବନ୍ଧୀୟ ଅତ୍ୟାବଶ୍ୟକ ଜନହିତକାରୀ କାର୍ଯ୍ୟଗୁଡ଼ିକର ନିରବଚ୍ଛିନ୍ନ ସମ୍ପାଦନ ନିମନ୍ତେ ଉକ୍ତ Tractor ଗୁଡ଼ିକୁ ନିର୍ଦ୍ଧାରିତ ୮ (ଆଠ) ଘଣ୍ଟାରୁ ଅଧିକ ସମୟ ନିୟୋଜିତ ରଖିବା ଆବଶ୍ୟକ ହେଉଅଛି। ଏହି ଅତିରିକ୍ତ ନିୟୋଜନ ସମ୍ବନ୍ଧୀୟ ଦୈନିକ Logbook Entry ଗୁଡ଼ିକ ସମ୍ପୃକ୍ତ Utilizing Officers ଙ୍କ ଦ୍ୱାରା ଯଥାବିଧି ରେକର୍ଡ ଓ ପ୍ରମାଣିତ କରାଯାଉଅଛି। ସେହିପରି, ପ୍ରତିମାସିକ Utilization Certificate ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଜାରି ହୋଇ Officer-in-Charge ଙ୍କ ଦ୍ୱାରା ପ୍ରତିସ୍ବାକ୍ଷରିତ (countersigned) କରାଯାଉଅଛି। ଏହା ସହିତ Vehicle Section ପକ୍ଷରୁ GPS ତଥ୍ୟ ଆଧାରରେ Logbook ଗୁଡ଼ିକର ଯାଞ୍ଚ ଓ ପ୍ରମାଣିକରଣ କରାଯାଉଥିବାରୁ ଅତିରିକ୍ତ ନିୟୋଜନର ସତ୍ୟତା, ଆବଶ୍ୟକତା ଏବଂ ପ୍ରକ୍ରିୟାଗତ ସଠିକତା କୁ ସୁନିଶ୍ଚିତ କରୁଅଛି |

ଏହି ପରିପ୍ରେକ୍ଷୀରେ, ଦେୟ ପ୍ରଦାନ ପ୍ରକ୍ରିୟାକୁ ନିମ୍ନୋକ୍ତ ଦଲିଲ ଏବଂ ପ୍ରମାଣପତ୍ର ଆଧାରରେ ନିୟନ୍ତ୍ରିତ କରାଯିବା ପ୍ରସ୍ତାବିତ ହେଉଛି—

1. ସମ୍ପୃକ୍ତ Utilizing Officer ଙ୍କ ଦ୍ୱାରା ଜାରିକୃତ ଏବଂ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିସ୍ବାକ୍ଷରିତ Monthly Utilization Certificate।
2. Utilizing Officer ଙ୍କ ଦ୍ୱାରା ପ୍ରମାଣିତ ଦୈନିକ Logbook Entry।
3. Vehicle Section ପକ୍ଷରୁ GPS ତଥ୍ୟ ଆଧାରିତ ଯାଞ୍ଚ ଓ ପ୍ରତିମାସିକ ପ୍ରମାଣିକରଣ।

ଉପରୋକ୍ତ ପରିପ୍ରେକ୍ଷୀରେ, ପବ୍ଲିକ ହେଲ୍ଥ, ଇଲେକ୍ଟ୍ରିକାଲ ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ ଆଣ୍ଡ ଏନଭାଇରନମେଣ୍ଟ ଷ୍ଟାଣ୍ଡିଂ କମିଟି ତା 21.05.2026 ରିଖ ବୈଠକର ଅନୁମୋଦନକୁ ଆଧାର କରି, Tractor ଗୁଡିକୁ ୮ (ଆଠ) ଘଣ୍ଟାରୁ ଅଧିକ ସମୟ ପାଇଁ ନିୟୋଜିତ କରାଯାଇଥିବା ଅବଧି ସମ୍ପର୍କରେ ସମ୍ପୃକ୍ତ Utilizing Officer ଙ୍କ ଦ୍ୱାରା ପ୍ରମାଣିତ Logbook, Vehicle Section ପକ୍ଷରୁ GPS ତଥ୍ୟର ଯାଞ୍ଚ ଓ ପ୍ରମାଣିକରଣକୁ ଆଧାର କରି ପ୍ରଚଳିତ ଚୁକ୍ତିର ନିୟମ ଓ ଶର୍ତ୍ତାନୁସାରେ Hiring Charges ଦେୟ ପ୍ରଦାନକୁ ଅନୁମତି ପ୍ରଦାନ ପାଇଁ କର୍ପୋରେସନଙ୍କ ବିଗ୍ଭର:- ନଥି ନଂ- XXX-VI-121/2025

ନିର୍ଦ୍ଧାରଣ-୭(୨୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୨).ଭୁବନେଶ୍ୱର ମହାନଗର ନିଗମ (BMC) ର ନିଜସ୍ୱ ଯାନବାହନ, ଭଡା ଆଧାରିତ ଯାନବାହନ, ଭାରୀ ଯନ୍ତ୍ରପାତି ଓ ପରିଛନ୍ନତା କାର୍ଯ୍ୟରେ ନିୟୋଜିତ ସମସ୍ତ ଯାନବାହନ ପାଇଁ ପେଟ୍ରୋଲିୟମ, ତେଲ ଓ ଲୁବ୍ରିକାଣ୍ଟ (POL) ଯୋଗାଣ ବର୍ତ୍ତମାନ ପ୍ରମୁଖତଃ Hindustan Petroleum Corporation Limited (HPCL) ଓ Indian Oil Corporation Limited (IOCL) ର ବିଭିନ୍ନ ରିଟେଲ ଆଉଟଲେଟ୍ ମାଧ୍ୟମରେ କରାଯାଉଅଛି ।

ତଥାପି, ବାହ୍ୟ ପ୍ରଭାବ, ଆପାତକାଳୀନ ପରିସ୍ଥିତି, ସ୍ଥାନୀୟ ଅଶାନ୍ତି, ଯୋଗାଣ ଜନିତ ସମସ୍ୟା ଓ ବିତରଣ ବାଧା ହେତୁ ସମୟେ ସମୟେ କେତେକ ରିଟେଲ ଆଉଟଲେଟ୍ ପକ୍ଷରୁ POL ଯୋଗାଣ ବାଧାପ୍ରାପ୍ତ ହେଉଥିବାରୁ କିମ୍ବା BMC ର ଯାନବାହନ ଓ ଯନ୍ତ୍ରପାତିର କାର୍ଯ୍ୟାନୁଷ୍ଠାନମୂଳକ ଆବଶ୍ୟକତା ଅନୁଯାୟୀ ଆବଶ୍ୟକ ପରିମାଣର ଇନ୍ଧନ ଯୋଗାଇବାରେ ବିଫଳ ହେତୁ BMC ର ପରିଛନ୍ନତା ସେବା, ଆବର୍ଜନା ସଂଗ୍ରହ ଓ ପରିବହନ କାର୍ଯ୍ୟ, ଉନ୍ନୟନମୂଳକ କାର୍ଯ୍ୟ ଓ ଆପାତକାଳୀନ ସେବା ସହିତ ପ୍ରଶାସନିକ କାର୍ଯ୍ୟ ପରିଚାଳନା ପ୍ରଭାବିତ ହେଉଛି। ଏହା ସହିତ, ଚୟନିତ କେତେକ ରିଟେଲ ଆଉଟଲେଟ୍ ଉପରେ ଅତ୍ୟଧିକ ନିର୍ଭରଶୀଳତା POL ଯୋଗାଣ କ୍ଷେତ୍ରରେ ପ୍ରାୟ ଏକଚାଟିଆ ପରିସ୍ଥିତି ସୃଷ୍ଟି କରି BMC ର କାର୍ଯ୍ୟକୁଶଳତା ଓ ଆପାତକାଳୀନ ପ୍ରତିସ୍ପନ୍ଦନ ବ୍ୟବସ୍ଥାକୁ ପ୍ରତିକୂଳ ଭାବେ ପ୍ରଭାବିତ କରୁଛି ।

ଉପରୋକ୍ତ ପରିପ୍ରେକ୍ଷୀରେ ଏବଂ ଦୀର୍ଘମିଆଦି, ସ୍ଥାୟୀ ଓ ସୁଦୃଢ଼ ସମାଧାନ ସ୍ୱରୂପ, BMC ପକ୍ଷରୁ ଏକ ସ୍ୱାଧୀନ ଓ ସ୍ୱୟଂସମ୍ପୂର୍ଣ୍ଣ Fuel Supply System ସ୍ଥାପନ କରିବା ଅତ୍ୟାବଶ୍ୟକ ହୋଇପଡିଛି । ଏହି ଉଦ୍ଦେଶ୍ୟରେ BMC ର ନିଜସ୍ୱ Fuel Retail Outlet ସ୍ଥାପନ କରିବା ପ୍ରସ୍ତାବିତ ହେଉଛି, ଯାହା ଆବଶ୍ୟକତାନୁସାରେ ସାଧାରଣ ଜନସାଧାରଣଙ୍କ ପାଇଁ ମଧ୍ୟ ଖୋଲା ରଖାଯାଇପାରିବ । ଏପରି ବ୍ୟବସ୍ଥା ମାଧ୍ୟମରେ BMC ର ନିଜସ୍ୱ Fuel Retail Outlet ସହିତ HPCL ଓ IOCL ର ଚୟନିତ ରିଟେଲ ଆଉଟଲେଟ୍ ମାଧ୍ୟମରେ ସମସ୍ତ ଯାନବାହନ ଓ ଯନ୍ତ୍ରପାତି ପାଇଁ ନିରବିଚ୍ଛିନ୍ନ, ସୁଚାରୁ ଓ ନିର୍ଭରଯୋଗ୍ୟ POL ଯୋଗାଣ ସୁନିଶ୍ଚିତ କରାଯାଇପାରିବ । ଏହା ଫଳରେ ପରିଛନ୍ନତା ସେବା, ଉନ୍ନୟନମୂଳକ କାର୍ଯ୍ୟ, ଆପାତକାଳୀନ ପରିଚାଳନା ଓ ନିୟମିତ ପ୍ରଶାସନିକ କାର୍ଯ୍ୟସମୂହ ନିରବିଚ୍ଛିନ୍ନ ଭାବେ ପରିଚାଳିତ ହେବା ସହ ବୃହତ୍ତର ଜନସ୍ୱାର୍ଥ ସୁରକ୍ଷିତ ହେବ ।

ଏହି ପରିପ୍ରେକ୍ଷୀରେ, BMC ର ନିଜସ୍ୱ Fuel Retail Outlet ସ୍ଥାପନ ନିମନ୍ତେ ପ୍ରତିଷ୍ଠିତ ସରକାରୀ Oil Marketing Companies ମାନଙ୍କଠାରୁ Expression of Interest (EOI) ଆହ୍ୱାନ କରିବା ପ୍ରସ୍ତାବିତ ହେଉଛି । ଚୟନିତ Oil Marketing Company କୁ Fuel Retail Outlet ସ୍ଥାପନ ପାଇଁ ଆବଶ୍ୟକ ଜମି ଏବଂ ମୌଳିକ ପାରିକଳ୍ପିକ ସୁବିଧା Bhubaneswar Municipal Corporation ପକ୍ଷରୁ ପରବର୍ତ୍ତୀକାଳରେ ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁଯାୟୀ ଯୋଗାଇ ଦିଆଯିବ । ଏହା ସହିତ ଏହି ନିଜସ୍ୱ Retail Outlet ପରିସର ଭିତରେ ବି.ଏମ୍.ସି ର ନିଜସ୍ୱ EV (Electric Vekicle) Charging ସୁବିଧା ମଧ୍ୟ ବ୍ୟବସ୍ଥା କରାଯିବ ।

ଇତି ମଧ୍ୟରେ, Indian Oil Corporation Limited (IOCL) ପକ୍ଷରୁ ମଧ୍ୟ BMC ପାଇଁ Direct RO Dealership ପ୍ରଦାନ କରିବା ସମ୍ପର୍କରେ ଆଗ୍ରହ ପ୍ରକାଶ କରାଯାଇଥିବା ସହିତ Letter Ref. No. IOC/RO/D_D/BMC dated 22.05.2026 ମାଧ୍ୟମରେ ଏକ ପ୍ରସ୍ତାବ ଦାଖଲ କରାଯାଇଛି ।

ଉପରୋକ୍ତ ପରିପ୍ରେକ୍ଷୀରେ, BMC ର ଦୈନିକ ପରିଛନ୍ନତା କାର୍ଯ୍ୟ, ଉନ୍ନୟନମୂଳକ କାର୍ଯ୍ୟ, ନିୟମିତ ପ୍ରଶାସନିକ କାର୍ଯ୍ୟସମୂହ ଏବଂ ଆପତ୍କାଳୀନ ନାଗରିକ ସେବାକୁ ସୁଚାରୁ ଓ ନିରବଚ୍ଛିନ୍ନ ଭାବେ ପରିଚାଳିତ ରଖିବା ସହିତ BMC ର ଯାନବାହନ ଓ ଯନ୍ତ୍ରପାତି ପାଇଁ ନିର୍ଭରଯୋଗ୍ୟ POL ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ BMC ର ନିଜସ୍ୱ Fuel Retail Outlet ସ୍ଥାପନ ପାଇଁ ଯୋଗ୍ୟ ସରକାରୀ Oil Marketing Companies ମାନଙ୍କଠାରୁ Expression of Interest (EOI) ଆହ୍ୱାନ କରିବା ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ- XXX-VI-51/2026 ଟିପ୍ପଣୀ ପୃଷ୍ଠା-୧ ରୁ ୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୩). RDF ଉତ୍ତୋଳନ, ପରିବହନ ଓ Co-processing ସମ୍ବନ୍ଧରେ ୦୮.୦୫.୨୦୨୬ ତାରିଖରେ ଅତିରିକ୍ତ କମିଶନର, ବିଏମସିଙ୍କ ଅଧ୍ୟକ୍ଷତାରେ ଟେଣ୍ଡର କମିଟି ବୈଠକରେ TTS ଓ ପଲାଶୁଣି ଠାରେ RDF ଜମାହେବା, ତାହାର ଉତ୍ତୋଳନ, ପରିବହନ ଓ disposal ସମ୍ବନ୍ଧୀୟ ବର୍ତ୍ତମାନ ସ୍ଥିତି ସମୀକ୍ଷା କରାଯାଇଥିଲା। କମିଟି ଦ୍ୱାରା ବର୍ତ୍ତମାନ କାର୍ଯ୍ୟରତ ଏଜେନ୍ସି M/s MGS Environ Pvt. Ltd. ଆବଶ୍ୟକ ଯାନ ନିୟୋଜନ ଓ lifting target ପୂରଣ କରିନଥିବାରୁ RDF ଅତ୍ୟଧିକ ଜମାହୋଇ ପରିବେଶ ଓ ସାନିଟେସନ ସମସ୍ୟା ସୃଷ୍ଟି ହେଉଥିବା ମତ ପ୍ରକାଶ ପାଇଥିଲା।

କମିଟି ଦ୍ୱାରା ନିମ୍ନଲିଖିତ ସୁପାରିଶ କରାଯାଇଥିଲା:-

A. M/s MGS Environ Pvt. Ltd. ସହିତ ବର୍ତ୍ତମାନ ଚୁକ୍ତି/କାର୍ଯ୍ୟ ବ୍ୟବସ୍ଥା ବାତିଲ କରାଯିବ।
B. M/s Shiva Cement Limited କୁ ୧୦,୦୦୦ ମେଟ୍ରିକ ଟନ RDF ପରିବହନ ଓ Co-processing କାର୍ଯ୍ୟ ପାଇଁ ପ୍ରତି ମେଟ୍ରିକ ଟନ ରୁ.୮୫୦/- ହାରରେ ଅନୁମତି ପ୍ରଦାନ କରାଯିବ।
C. M/s Ambuja Cements Limited କୁ ୧୦,୦୦୦ ମେଟ୍ରିକ ଟନ RDF ପରିବହନ ଓ Co-processing କାର୍ଯ୍ୟ ପାଇଁ ପ୍ରତି ମେଟ୍ରିକ ଟନ ରୁ.୮୭୫/- ହାରରେ ଅନୁମତି ପ୍ରଦାନ କରାଯିବ।
D. RDF ଉତ୍ତୋଳନ ଓ disposal କାର୍ଯ୍ୟର ନିୟମିତ ମନିଟରିଂ ପାଇଁ ସମ୍ପୃକ୍ତ ଅଧିକାରୀମାନେ ଦାୟିତ୍ୱ ପାଳନ କରିବେ।
E. ପ୍ରୟୋଜନାନୁସାରେ JCB, Poclain ଓ ଅନ୍ୟାନ୍ୟ heavy machinery ନିୟୋଜନ କରାଯିବ।

ଏହା ଉପରେ ମଧ୍ୟ ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ତା ୨୧.୦୫.୨୦୨୬ ରିଖ ନିର୍ଦ୍ଧାରଣ ସଂଖ୍ୟା-୫(୩) ରେ ଅନୁମୋଦନ ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ନଥି ସଂଖ୍ୟା- XXXXX-II-SWMPMU-185/2026 ଟିପ୍ପଣୀ ପୃଷ୍ଠା ୧୭ ରୁ ୨୧ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଏହା ଉପରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୨୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୪). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ପୋଖରୀ ଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ମାଛ ଚାଷ କରିବା ପାଇଁ ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ ଏକ ମିଟିଙ୍ଗ୍ ତା ୦୭.୦୫.୨୦୨୬ ରିଖରେ Fisheries Department/ Horticulture/ Vetenary Department/ Executive Engineer (Drainage), BMC ଏବଂ Deputy Commissioner (NULM), BMC ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ବୈଠକ କରାଯାଇ ପୋଖରୀ ଗୁଡ଼ିକୁ RWA/ Local Residence Welfare ଓ ମହିଳା ମାନଙ୍କ ଦ୍ୱାରା SOP ଅନୁଯାୟୀ କେବଳ ମାଛ ଚାଷ କରିବା ପାଇଁ ପ୍ରସ୍ତାବ ଦିଆଯାଇଅଛି । ଏହି ସମ୍ବନ୍ଧରେ ଏକ କମିଟି ଗଠନ କରାଯାଇ ମାଛ ଚାଷ କରିବାର ଧାର୍ଯ୍ୟ ନିରୂପଣ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :- ନଥି ନଂ- XXXVIII- (Corporation Assets)-13/2026 ଟିପ୍ପଣୀ- ୧ ରୁ ୬ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୫).ଭୁବନେଶ୍ୱର ମହାନଗର ନିଗମାଂଚଳ ବେସରକାରୀ ଜାଗାରେ ଲାଗିଥିବା LED ବିଜ୍ଞାପନଫଳକ ଦର କାର୍ଯ୍ୟାଳୟ ଆଦେଶ ପତ୍ରସଂଖ୍ୟା-୫୯୦୩୨ ତା ୧୧.୧୧.୨୦୨୦ ରିଖ ମୁତାବକ ବାର୍ଷିକ ପ୍ରତି sqft. ଟ୩୨୦/-ଙ୍କା ଧାର୍ଯ୍ୟ କରାଯାଇଥିଲା । ଏହାକୁ ପରିବର୍ତନ କରାଯାଇ ନୂତନ ଦର ବାର୍ଷିକ ଦକ୍ଷିଣ-ପୂର୍ବ ଜୋନ୍ ଅଂଚଳରେ sqft. ଟ୨,୪୦୦/-ଙ୍କା, ଉତର ଜୋନ୍ ଅଂଚଳରେ sqft. ଟ୨,୨୮୦/-ଙ୍କା ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍ ଅଂଚଳରେ sqft. ଟ୨,୧୬୦/-ଙ୍କା ଲେଖାଏଁ ଧାର୍ଯ୍ୟ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଗ୍ର :- ନଥି ନଂ- XXII-(L)-94/2025 (pt.) ଟିପ୍ପଣୀ ପୃଷ୍ଠା-୧ ରୁ ୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨୬).ଭୁବନେଶ୍ୱର ମହାନଗର ନିଗମ (BMC) ଅଧୀନରେ ସାନିଟେସନ୍ ସେବାର ତଦାରଖ, ପର୍ଯ୍ୟବେକ୍ଷଣ ଏବଂ ଦୈନନ୍ଦିନ କାର୍ଯ୍ୟ ପରିଚାଳନାକୁ ଅଧିକ ସୁଚାରୁ ଓ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ବିକଶିତ SAFA App ର Operation & Maintenance (O&M) କାର୍ଯ୍ୟକୁ ଆଗାମୀ ୨ (ଦୁଇ) ବର୍ଷ ପାଇଁ ଅବ୍ୟାହତ ରଖିବା ସମ୍ପର୍କରେ ଏହି ପ୍ରସ୍ତାବ ଉପସ୍ଥାପିତ କରାଯାଉଛି।

ଉଲ୍ଲେଖନୀୟ ଯେ, SAFA App HDFC Bank ଙ୍କ CSR ସହଯୋଗରେ ବିକଶିତ ହୋଇଥିଲେ ମଧ ଏହାର Operation & Maintenance (O&M) ଖର୍ଚ୍ଚ ସେଥିରେ ସମ୍ମିଳିତ ନଥିଲା। ବର୍ତ୍ତମାନ ଏହି ଆପ୍ ମାଧମରେ ସାନିଟେସନ୍ କର୍ମଚାରୀଙ୍କ ଉପସ୍ଥିତି ନିରୀକ୍ଷଣ, ଡୋର-ଟୁ-ଡୋର ବର୍ଜ୍ୟ ସଂଗ୍ରହ କାର୍ଯ୍ୟର ତଦାରଖ, ନାଗରିକ ଅଭିଯୋଗ ପରିଚାଳନା, User Fee ମନିଟରିଂ, GPS ଆଧାରିତ କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ MIS ରିପୋର୍ଟିଂ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ସଫଳତାର ସହ ପରିଚାଳିତ ହେଉଅଛି।

ନିଗମର Resolution No. 7(7) ତା.20.11.2023 ଅନୁଯାୟୀ M/s Datsdakey Education Pvt. Ltd. ଙ୍କୁ ୩ (ତିନି) ବର୍ଷ ପାଇଁ O&M କାର୍ଯ୍ୟ ଅନୁମୋଦନ କରାଯାଇଥିଲା ଏବଂ Letter No.4240 ତା.27.01.2023 ମାଧମରେ 01.04.2023 ରୁ 31.03.2026 ପର୍ଯ୍ୟନ୍ତ କାର୍ଯ୍ୟାଦେଶ ଜାରି କରାଯାଇଥିଲା। ଉକ୍ତ ଅବଧି ମଧରେ ଏଜେନ୍ସି ଦ୍ୱାରା ସେବା ସନ୍ତୋଷଜନକ ଭାବେ ପ୍ରଦାନ କରାଯାଇଥିବା ଦେଖାଯାଇଛି।

ଏହା ମଧ ଉଲ୍ଲେଖଯୋଗ୍ୟ ଯେ, ତା.10.04.2026 ରେ M/s Datsdakey Education Pvt. Ltd. ଙ୍କ ପକ୍ଷରୁ ଚୁକ୍ତିର ଅବଧି ବୃଦ୍ଧି ପାଇଁ ଅନୁରୋଧ ପ୍ରାପ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ Office Order No.9575 ତା.17.02.2026 ମାଧମରେ ଗଠିତ Technical Committee ଦ୍ୱାରା SAFA App ର କାର୍ଯ୍ୟଦକ୍ଷତା, ଆବଶ୍ୟକତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

Technical Committee ଙ୍କ ମତାନୁସାରେ SAFA App ବର୍ତ୍ତମାନ BMC ର ଏକ ଗୁରୁତ୍ୱପୂର୍ଣ୍ଣ Sanitation Governance Platform ଭାବେ ପରିଣତ ହୋଇଛି। ଆପ୍‌ର ବର୍ଦ୍ଧିତ ବ୍ୟବହାର, Cloud Hosting, Server Management, Database Administration, Cyber Security, AI-based Monitoring, Dashboard Reporting ଓ 24×7 Technical Support ଯୋଗୁଁ ଅତିରିକ୍ତ Technical Manpower ଏବଂ IT/ITeS Support Services ଆବଶ୍ୟକ ହୋଇପଡ଼ିଛି। Committee ଏହାର ନିରବଚ୍ଛିନ୍ନ ପରିଚାଳନାକୁ ଜନସ୍ୱାର୍ଥରେ ଅତ୍ୟାବଶ୍ୟକ ବୋଲି ସୁପାରିଶ କରିଛନ୍ତି।

ତଦନୁସାରେ ନିମ୍ନଲିଖିତ ପ୍ରସ୍ତାବ ଅନୁମୋଦନ ନିମନ୍ତେ ଉପସ୍ଥାପିତ କରାଯାଉଛି:-

୧. SAFA App ର ମାସିକ Operation & Maintenance (O&M) ଖର୍ଚ୍ଚ Rs.3,97,356/- (GST ସହିତ) ଅନୁମୋଦନ।

୨. M/s Datsdakey Education Pvt. Ltd. ଙ୍କ ସପକ୍ଷରେ SAFA App ର O&M କାର୍ଯ୍ୟକୁ **01.04.2026 ରୁ 31.03.2028 ପର୍ଯ୍ୟନ୍ତ ୨ (ଦୁଇ) ବର୍ଷ** ପାଇଁ ବୃଦ୍ଧି କରିବା ଏବଂ ପ୍ରଥମ ବର୍ଷ ସଫଳତାର ସହ ସମାପ୍ତି ପରେ **10% ବୃଦ୍ଧି (Escalation)** ସହିତ ମୋଟ ବ୍ୟୟ **ରୁ.1,00,13,371/- (GST ସହିତ)** ଅନୁମୋଦନ:-

| କ୍ର. ସଂ. | ଅବଧି | ମାସିକ O&M ବ୍ୟୟ (ରୁ.) | ଅବଧି | ମୋଟ ବ୍ୟୟ (ରୁ.) |
|---|---|---|---|---|
| 1 | 01.04.2026 ରୁ 31.03.2027 | 3,97,356/- | 12 ମାସ | 47,68,272/- |
| 2 | 01.04.2027 ରୁ 31.03.2028 | 4,37,092/- | 12 ମାସ | 52,45,099/- |
| ମୋଟ | | | 24 ମାସ | 1,00,13,371/- |

୩. ସନ୍ତୋଷଜନକ କାର୍ଯ୍ୟଦକ୍ଷତା ଓ ନିଗମର ଆବଶ୍ୟକତା ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମୋଦନ ସାପେକ୍ଷ ଅତିରିକ୍ତ ୧ (ଏକ) ବର୍ଷ ଅବଧି ବୃଦ୍ଧିର ବ୍ୟବସ୍ଥା।

୪. Enhanced Technical & Operational Support Services ବାବଦରେ 01.01.2026 ରୁ 31.03.2026 ପର୍ଯ୍ୟନ୍ତ ସମୟ ପାଇଁ CSR ଅର୍ଥରୁ ରୁ.5,90,000/- (GST ସହିତ) ବ୍ୟୟ ମଞ୍ଜୁର କରିବା ।

ଉପରୋକ୍ତ ପ୍ରସ୍ତାବିତ କାର୍ଯ୍ୟ ପାଇଁ ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଗ୍ର **:-ନଥି No. XXXXX-II-SBAC-87/2022 (Part-1), ଟିପ୍ପଣୀ ପୃଷ୍ଠା ସଂଖ୍ୟା 284 ରୁ 288 ଦ୍ରଷ୍ଟବ୍ୟ I**

ନିର୍ଦ୍ଧାରଣ-୭(୨୬).ପ୍ରସ୍ତାବ ବର୍ଣ୍ଣିତ ସଂସ୍ଥାଙ୍କର ଚୁକ୍ତିପତ୍ର ମିଆଦ ଏକ ବର୍ଷ ବୃଦ୍ଧି କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨୭). ଗତ ସ୍ୱାୟତ ଶାସନ ଦିବସ-୨୦୨୫ ରେ ନିମ୍ନବର୍ଣ୍ଣିତ ମତେ ଖର୍ଚ୍ଚ ହୋଇଅଛି । ଯଥା:-

୧-ସ୍ୱାୟତ ଶାସନ ଦିବସ-୨୦୨୫ ଅବସରରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ SUH ଗୁଡ଼ିକରେ ଫଳ ଏବଂ ଖାଦ୍ୟ ବଂଟନ ବାବଦକୁ ଟ ୧,୩୨,୦୦୦/-ଙ୍କା ଖର୍ଚ୍ଚ ହୋଇଅଛି ।

୨-ବିଭିନ୍ନ ପ୍ରତିଯୋଗିତା ଓ ଅନ୍ୟାନ୍ୟ କାର୍ଯ୍ୟରେ ସଫଳ ହୋଇଥିବା ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଇଥିବା ପ୍ରାଇଜ୍ ବାବଦରେ ଖର୍ଚ୍ଚ ରାଶିର ପରିମାଣ ଟ ୨,୯୦,୦୦୦/- ଅଟେ ।

ଉପରୋକ୍ତ ସମସ୍ତ ଖର୍ଚ୍ଚରାଶିକୁ ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ- GS-13/2024 ଟିପ୍ପଣୀ ପୃଷ୍ଠା- ୧୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୨୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୩.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୬.୦୫.୨୦୨୬ ରିଖ